ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.80 Bhubaneswar Friday 06 2022 | ୨୫ତମ ବର୍ଷ ସଂଖ୍ୟା-୮୦ ଭୁବନେଶ୍ୱର, ଶୁକ୍ରବାର, ମଇ ୦୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବାତ୍ୟା ହେବ କି ନାହିଁ ସ୍ପଷ୍ଟ ହୋଇନାହିଁ , ଆମେ ପ୍ରସ୍ତୁତ : ଏସଆରସି

ଭୁବନେଶ୍ୱର, ୫।୫(ପି.ଏନ): ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଘୂର୍ଣ୍ଣିବଳୟ ଅବପାତର ରୂପ ନେଇପାରେ। ଅବପାତରୁ ତୀବ୍ର ଅବପାତ ଓ ବାତ୍ୟା ହେବ କି ନାହିଁ ଆସନ୍ତା କାଲି ସନ୍ଧ୍ୟାବେଳକୁ ଏହା ସ୍ପଷ୍ଟ ହୋଇଯିବ। ତେବେ ଏଥିପାଇଁ ଆମେ ପ୍ରସ୍ତୁତ। ସରକାର ୧୮ଟି ଜିଲ୍ଲାକୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରାଯାଇଛି। ଏନ୍‌ଡିଆରଏଫ୍, ଓଡ୍ରାଫ, ରାଜ୍ୟ ଅଗ୍ନିଶମ ସେବାର ଅଧିକାରୀମାନଙ୍କ ସହିତ ଆଗୁଆ ପ୍ରସ୍ତୁତି ସଂପର୍କରେ ମଧ୍ୟ ଆଲୋଚନା କରିଛନ୍ତି । ଆବଶ୍ୟକ ସ୍ଥଳେ ସେମାନଙ୍କୁ ମୁତୟନ କରାଯିବ ବୋଲି ସମ୍ଭାବ୍ୟ ବାତ୍ୟା ସଂପର୍କରେ ରାଜୀବ ଭବନଠାରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କହିଛନ୍ତି। ସେ କହିଛନ୍ତି ଯେ ଶକ୍ତି ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ସହିତ ନିରନ୍ତର ବିଦ୍ୟୁତ ଶକ୍ତି ଯୋଗାଣ ଓ ପାନୀୟ ଜଳ ଯୋଗାଇଦେବା ନେଇ ଆଲୋଚନା ହୋଇଛି। ଆସନ୍ତାକାଲି ଟେଲିକମ୍ ସେବା ଯୋଗାଣକାରୀମାନଙ୍କ ସହିତ ଆଲୋଚନା କରାଯିବ। ଲୋକମାନଙ୍କ ମଧ୍ୟରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଡର ପଶିଥିବାବେଳେ ଜନସାଧାରଣଙ୍କୁ ଅଯଥା ଆତଙ୍କିତ କରାଯିବା ଉଚିତ ନୁହେଁ । ଅସାଧୁ ବ୍ୟବସାୟୀମାନେ ଏହି



ସମୟର ଫାଇଦା ଉଠାଇବାକୁ ଯାଇ ଦର ବଢ଼ାଇବାକୁ ଚେଷ୍ଟା କରୁଛନ୍ତି । ଏଥିରୁ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରାଯାଇଛି। ଖରାଦିନିଆ ବାତ୍ୟାର ପ୍ରାୟତଃ ବିଶେଷ ପ୍ରଭାବ ପଡେ ନାହିଁ। ମାର୍କେଟରେ ସମସ୍ତ ଜିନିଷ ମହଜୁଦ ଅଛି। କୃତ୍ରିମ ଅଭାବ ସୃଷ୍ଟି କରିବାର କୌଣସି ଆବଶ୍ୟକତା ନାହିଁ। ଆମେମାନେ ବାତ୍ୟାକୁ ନେଇ ସତର୍କ ରହିବା ଏବଂ କୌଣସି ପରିସ୍ଥିତିରେ ଆତଙ୍କିତ ନହେବାକୁ ସେ ପରାମର୍ଶ ଦେଇଛନ୍ତି ।ଆଣ୍ଡାମାନ ସାଗରରେ ସମ୍ଭାବ୍ୟ ବାତ୍ୟାକୁ ନେଇ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଗୁରୁବାର ଜିଲ୍ଲାପାଳମାନଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏଥିରେ ବାତ୍ୟା ମୁକାବିଲା ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଉଛି। ଜରୁରୀକାଳୀନ ଅପରେସନ ସେଂଟର, ୨୪ ଘଂଟିଆ କଂଟ୍ରୋଲ ରୁମ ଖୋଲିବା, ବିପଦପୂର୍ଣ୍ଣ ସ୍ଥାନରୁ ଲୋକଙ୍କୁ ସ୍ଥାନାନ୍ତରିତ କରିବା, ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତି, ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ ଆଦି ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡିଛି ।ଏହାପୂର୍ବରୁ ସମ୍ଭାବ୍ୟ ବାତ୍ୟା ନେଇ ୧୮ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ ଏସଆରସି। ସ୍ୱତନ୍ତ୍ର ରିଲିଫ୍ କମିସନର୍ ପ୍ରଦୀପ ଜେନା ୧୮ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସତର୍କ ରହିବା ଓ ଆବଶ୍ୟକୀୟ ପ୍ରସ୍ତୁତି ରଖିବାକୁ ପରାମର୍ଶ ଦେଇଛନ୍ତି। ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ନୟାଗଡ଼, କଟକ, ମୟୂରଭଞ୍ଜ, କେଉଁଝର, ଢେଙ୍କାନାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଓ କନ୍ଧମାଳର ଜିଲ୍ଲା ଏଥିରେ ସାମିଲ ରହିଛି । ଏହି ପତ୍ରରେ ଏସବୁ ଜିଲ୍ଲାରେ ୨୪ ଘଂଟିଆ ଜରୁରୀ ଅପରେସନ୍ ଅଫିସ୍ ଓ କଂଟ୍ରୋଲ ରୁମ୍ ଖୋଲା ରଖିବାକୁ କୁହାଯାଇଛି ସମସ୍ତ ବାତ୍ୟା ଓ ବନ୍ୟା ଆଶୟସ୍ଥଳୀଗୁଡ଼ିକୁ

## ବିଧାୟକ ପ୍ରକାଶ ମାଝୀଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେପି

ଭୁବନେଶ୍ୱର, ୫।୫(ପି.ଏନ): ରାଜ୍ୟ ସରକାର ଯୌନ ନିର୍ଯାତନା ଘଟଣାର ଅଭିଯୁକ୍ତ ଝରିଗାଁ ବିଧାୟକ ପ୍ରକାଶ ମାଝୀଙ୍କୁ ତୁରନ୍ତ ଗିରଫ କରିବାକୁ ରାଜ୍ୟ ବିଜେପି ଦାବି କରିଛି। ସେହିପରି ଅଭିଯୋଗକାରିଣୀ ମହିଳାଙ୍କୁ ସାମ୍ନାକୁ ଆଣିବା ସହ ପୀଡିତା ମହିଳାଜଣଙ୍କୁ କୋର୍ଟର ସୁରକ୍ଷା ପ୍ରଦାନ କରାଯାଉ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ସେ କହିଛନ୍ତି ଯେ ସମସ୍ତଙ୍କ ପାଇଁ ଆଇନ ସମାନ ବୋଲି ମୁଖ୍ୟମନ୍ତ୍ରୀ ବାରମ୍ବାର କହିଆସୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ସଂପୂର୍ଣ୍ଣ ଭିନ୍ନ। ବାସ୍ତବରେ ଶାସକ ବିଜେଡି ସପକ୍ଷବାଦୀଙ୍କ ପାଇଁ ଗୋଟିଏ ଆଇନ ଏବଂ ଅନ୍ୟଟି ବିପକ୍ଷବାଦିଙ୍କ ପାଇଁ । ଝରିଗାଁ ବିଧାୟକ ପ୍ରକାଶ ମାଝୀ ଯୌନ କେଳେଙ୍କାରୀ ଏବଂ ଏହି ସଂଗୀନ ଅଭିଯୋଗ ଆଣିଥିବା ବାଙ୍କୀ ଅଂଚଳର ପୀଡିତାଙ୍କୁ ଧମକ ଚମକ ଦେଇ ଭୟଭୀତ କରାଯିବା ଘଟଣାରୁ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି ପୁଣି ଥରେ ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ଡ.ଲେଖାଶ୍ରୀ କହିଛନ୍ତି ।ରାଜ୍ୟ ସରକାରଙ୍କ ମନ୍ତ୍ରୀ, ନେତାମାନେ ଦୁଷ୍କର୍ମ, ଅପହରଣ ଭଳି ଜଘନ୍ୟ କାଣ୍ଡ ଘଟାଉଛନ୍ତି। କିନ୍ତୁ କାହିଁକି ସେମାନଙ୍କ ଉପରେ ରାଜ୍ୟ ସରକାର କାର୍ଯ୍ୟନୁଷ୍ଠାନ ନେଉନାହାନ୍ତି ତାହା ଏକ ବଡ଼ ପ୍ରଶ୍ନ। ମୁଖ୍ୟମନ୍ତ୍ରୀଙ୍କ ଚାପରେ ପୋଲିସ ପ୍ରଶାସନ ଶାସକ ବିଜେଡିର ଅଭିଯୁକ୍ତ ନେତା ଓ ମନ୍ତ୍ରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ପ୍ରକାଶଚନ୍ଦ୍ର ମାଝୀ ଶାସକ ଦଳର ବିଧାୟକ ହୋଇଥିବାରୁ ବିଜୁ ଜନତା ଦଳର ଇଙ୍ଗିତରେ କାର୍ଯ୍ୟ କରୁଥିବା ପୋଲିସ ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ, ଯାହାକି ଗଣତନ୍ତ୍ର ପାଇଁ ବିପଦ। ଶାସନ କ୍ଷମତାରେ ଅନ୍ଧ ସାଜିଥିବା ଶାସକ ବିଜେଡିର ନେତା ଓ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ନିର୍ଭୟରେ ଗୁଣ୍ଡାରାଜ ଓ ଦୁର୍ନୀତି କରୁଛନ୍ତି, ଯାହାକି ଗଣତନ୍ତ୍ର ପାଇଁ ଆଦୌ ଶୋଭନୀୟ ନୁହେଁ ବୋଲି ଡ.ଲେଖାଶ୍ରୀ କହିଛନ୍ତି।ଅନ୍ୟ ପଟେ ଶାସକ ବିଜେଡିର ଦଳୀୟ କାର୍ଯ୍ୟକର୍ତା ତଥା ପୂର୍ବତନ କଳାରାହାଙ୍ଗ ପଂଚାୟତର ବିଜେଡି ସମର୍ଥିତ ସରପଂଚଙ୍କ ସ୍ୱାମୀ ଯିଏକି ଜଣେ ସରକାରୀ କର୍ମଚାରୀ ଏବଂ ତିଳେଇବଣି ବ୍ଲକରେ ବିଡିଓ ଭାବେ ଅବସ୍ଥାପିତ ଅଛନ୍ତି, ତାଙ୍କ କାଉଂଟର ଏଫଆଇଆର ଭିତିରେ ଶାନ୍ତ, ସରଳ ଓ ନମ୍ର ସ୍ୱଭାବର ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ବିନା କୌଣସି ପ୍ରମାଣ ଓ ତଥ୍ୟ ଆଧାରରେ ଷଡଯନ୍ତ୍ର ରଚାଯାଇ ଗିରଫ କରାଗଲା ।ତେଣୁ ରାଜ୍ୟ ସରକାର ଅଭିଯୁକ୍ତ ବିଧାୟକ ପ୍ରକାଶ ମାଝୀଙ୍କୁ ତୁରନ୍ତ ଗିରଫ କରିବା ସହିତ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଡ.ଲେଖାଶ୍ରୀ ଦାବୀ କରିଛନ୍ତି । ଏହି ଅବସରରେ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ୍ ଉପସ୍ଥିତ ଥିଲେ।

## ସାଂସ୍କୃତିକ ଦଳଙ୍କ ପାଇଁ କମ୍ପ୍ୟୁଟରୀକୃତ

ଭୁବନେଶ୍ୱର, ୫।୫ (ପି.ଏନ) ଅପରେଟର ଲକ୍ଷ୍ୟକରି ଧନୁ ମାରି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସଂସ୍କୃତି ଭବନରେ କମ୍ପ୍ୟୁଟରୀକୃତ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରି କହିଛନ୍ତି ଯେ କଳାକାର ଓ ସାଂସ୍କୃତିକ ଦଳମାନଙ୍କର ବହୁଦିନର ଆକାଂକ୍ଷା ଆଜି ପୂର୍ଣ୍ଣ ହୋଇଛି । ପ୍ରଯୁକ୍ତିବିଦ୍ୟାପ୍ରସୂତ ଏହି ବ୍ୟବସ୍ଥା ଯୁଗାନ୍ତକାରୀ ପରିବର୍ତନ ଆଣିବ। ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସାଂସ୍କୃତିକ ଦଳମାନଙ୍କର ବିବିଧ କାର୍ଯ୍ୟଗୁଡ଼ିକୁ ସହଜ ଓ ସୁବିଧାରେ କରିବା ପାଇଁ ସିଟିଏମ୍‌ଏସ୍ ଆପ୍ଲିକେସନ୍ କୁ ପ୍ରସ୍ତୁତ କରାଯାଇଛି । ଏହା ଦ୍ୱାରା ଶେଷ ସମୟରେ ଉପୁଜୁଥିବା ଅସୁବିଧାଗୁଡ଼ିକୁ ଏଡ଼ାଇ ଦିଆଯିବା ସହିତ ସମସ୍ତଙ୍କୁ କଳା ପରିବେଷଣ କରିବାକୁ ସମାନ ସୁଯୋଗ ମିଳିପାରିବ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଉଲ୍ଲେଖ କରିଛନ୍ତି । ଅନୁଷ୍ଠାନମାନଙ୍କ ଅନୁରୋଧ ଆଧାରରେ ବିଭିନ୍ନ ପର୍ବୋତ୍ସବମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ବିଭାଗ ତରଫରୁ ସେମାନଙ୍କୁ ପ୍ରେରଣ କରାଯାଇଥାଏ। ଏହି ପ୍ରକ୍ରିୟାକୁ ସହଜ, ସୁଗମ୍ୟ ତଥା ତ୍ୱରାନ୍ୱିତ କରିବାକୁ ବିଭାଗ ପକ୍ଷରୁ ଏକ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ଅନୁଷ୍ଠାନମାନେ ଆସନ୍ତା ଜୁନ୍ ୧୫, ୨୦୨୨ ସୁଦ୍ଧା ଆବଶ୍ୟକୀୟ ସୂଚନା ସହ ctms-ollc.in ମାଧ୍ୟମରେ ନିଜକୁ ପଂଜୀକୃତ କରିନେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଅନୁରୋଧ କରିଛନ୍ତି ।ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ,ଓଡ଼ିଆ ଭାଷା ପ୍ରତିଷ୍ଠାନର ପରାମର୍ଶଦାତା ଡ. ଫନିନ୍ଦ୍ର ଭୂଷଣ ନନ୍ଦ, ଲୁମିନସ୍ ଇନ୍‌ଫୋୱେଜ୍‌ର ମୁଖ୍ୟ ତନ୍ମୟ ମହାନ୍ତି ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଶୁଭାରମ୍ଭ ସମୟରେ ଉପସ୍ଥିତ ଥିଲେ ।

## ଉପକୂଳରେ ଆଶ୍ୱସ୍ତି

ଭୁବନେଶ୍ୱର, ୫।୫(ପି.ଏନ): କାଳବୈଶାଖୀ ଯୋଗୁଁ ଉପକୂଳ ଓଡିଶାରେ ତାତି କମିଛି। କିନ୍ତୁ ପଶ୍ଚିମ ଓଡିଶାରେ ଏବେ ବି ଖରାର ପ୍ରକୋପ ଜାରୀ ରହିଛି। ଆଜି ରାଜ୍ୟର ୧୩ଟି ସହରର ତାପାମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୪୨ ଡିଗ୍ରୀ ଉପରେ ୫ ସହର ଥିଲା। ସୋନପୁର ଓ ବୌଦ୍ଧରେ ସର୍ବାଧିକ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗକେନ୍ଦ୍ରର ସୂଚନା ଅନୁସାରେ ଗୁରୁବାର ବଲାଙ୍ଗୀରରେ ୪୨.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡରେ ୪୨.୨, ଝାରସୁଗୁଡାରେ ୪୨, ସମ୍ବଲପୁର ଓ ଦେବଗଡରେ ୪୧.୨, ଫୁଲବାଣୀରେ ୪୦.୭, ହୀରାକୁଦରେ ୪୦.୬. ଭବାନୀପାଟଣା ,ନୟାଗଡ ଓ ନୂଆପଡାରେ ୪୦.୫, ପାରଳାଖେମୁଣ୍ଡିରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଆଜି ୩୬.୨ ଡିଗ୍ରୀ ଓ କଟକରେ ମଧ୍ୟ ୩୬.୨ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ଜେଲରୁ ମୁକୁଳିବେ ୨୬ ଜଣ ଆଜୀବନ କଏଦୀ

ଭୁବନେଶ୍ୱର, ୫।୫(ପି.ଏନ): ରାଜ୍ୟର ବିଭିନ୍ନ ଜେଲ୍ ରେ ଥିବା ୨୬ ଜଣ ଆଜୀବନ କଏଦୀ ମୁକୁଳିବେ । ରାଜ୍ୟର ୧୫ଟି ଜେଲ୍ ରୁ ୨୬ ଜଣ କଏଦୀ ମୁକୁଳିବା ପାଇଁ ଜେଲ୍ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ସେଂଟେନ୍ସ ରିଭ୍ୟୁ ବୋର୍ଡର ଅନୁମୋଦନ କ୍ରମେ ସମ୍ପୃକ୍ତ କଏଦୀ ମାନଙ୍କୁ ମୁକ୍ତ କରାଯିବ।

## ଆସନ୍ତାକାଲି ଲଘୁଚାପ ହେବା ପରେ ହିଁ ବାତ୍ୟା ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳି ପାରିବ : ଆଇଏମଡି ଡିଜି

ଭୁବନେଶ୍ୱର, ୫।୫(ପି.ଏନ): ଅଣ୍ଡାମାନ ସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପର ଓଡିଶା ଉପରେ କୌଣସି ପ୍ରଭାବ ପଡିବାର ସମ୍ଭାବନା ନାହିଁ । ଆସନ୍ତା କାଲି ଲଘୁଚାପ ହେବା ପରେ ହିଁ ବାତ୍ୟା ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳି ପାରିବ ବୋଲି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ଦିନ କୁହାଯାଇଛି । ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଂଜୟ ମହାପାତ୍ର କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଆମେ ବାତ୍ୟା ସମ୍ପର୍କରେ କିଛି ପୂର୍ବାନୁମାନ କରି ନାହୁଁ । ଆସନ୍ତା କାଲି ଲଘୁଚାପ ସୃଷ୍ଟି ହେବା ପରେ ହିଁ ଏ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଲଘୁଚାପ ସୃଷ୍ଟି ହେବା ପରେ ହିଁ ଆମେ ପୂର୍ବାନୁମାନ କରିବା ସ୍ଥିତିରେ ଆସିବୁ । ଆମେ ବର୍ତ୍ତମାନ ସୁଦ୍ଧା ବାତ୍ୟାର ପୂର୍ବନୁମାନ କରି ନାହୁଁ, ଆମେ କୌଣସି ପ୍ରକାର ଲୋକଙ୍କୁ ଅଯଥାରେ ଆତଙ୍କିତ କରିବାକୁ ଚାହୁଁ ନାହୁଁ ବୋଲି ସେ କହିଛନ୍ତି ।

## ଆଇନକୁ ହାତକୁ ନେଲେ ଓଡିଶାରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ: ବିଜେଡି

ଭୁବନେଶ୍ୱର, ୫।୫(ପି.ଏନ): ଏହା ୟୁପି କିମ୍ବା ବିହାର ନୁହେଁ, ଏହା ହେଉଛି ଓଡିଶା । ଓଡିଶାର ବିଜେପି ନେତାମାନେ ଏହା ଜାଣି ରଖିବା ଉଚିତ୍ । ଏଠି ଆଇନର ଶାସନ ଚାଲେ । ସେ ନେତା, ମନ୍ତ୍ରୀ, ବିଧାୟକ କିମ୍ବା ଅଫିସର ଯିଏ ହୁଅନ୍ତୁ ନା କାହିଁକି, ଆଇନକୁ ହାତକୁ ନେଲେ ତାଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ହୁଏ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ସୁଶ୍ରୀ ଇପ୍ସିତା ସାହୁ । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ସୁଶ୍ରୀ ସାହୁ କହିଛନ୍ତି ଯେ ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ ଓ ତାଙ୍କର କିଛି ଗୁଣ୍ଡା ଶ୍ରେଣୀୟ ସମର୍ଥକ ବିଡିଓଙ୍କୁ ମାଡ ମାରିବାବେଳେ ସେଠାରେ ଜଣେ ମହିଳା ତହସିଲଦାର ମଧ୍ୟ ଉପସ୍ଥିତ ଥିଲେ। ବିଧାୟକ ଜଣେ କର୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ପ୍ରମାଣ ମିଳିଛି । ତେଣୁ ପୁଲିସ ତାଙ୍କୁ ଗିରଫ କରିଛି। ଅନ୍ୟ ପକ୍ଷରେ ବିଧାୟକ ଗିରଫଦାରୀରୁ ବର୍ତିବାପାଇଁ ଆଗତୁରା ଥାନାକୁ ଯାଇ ବିଡିଓଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣିଥିବା ସମସ୍ତେ ଜାଣନ୍ତି। ଝରିଗାଁ ବିଧାୟକଙ୍କ ବିରୋଧରେ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଯେଉଁ ଅଭିଯୋଗ ଆଣିଛନ୍ତି, ବିଗତ ଦିନରେ ବିଜେପିର ଜଣେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀଙ୍କ ବିରୁଦ୍ଧରେ ଜଣେ ଯୁବତୀ ରାଜଧାନୀର ଏକ ଥାନାରେ ସମାନ ପ୍ରକାରର ଅଭିଯୋଗ ଆଣିଥିଲେ । ଏହାଛଡା ନିକଟରେ ବିଜେପିର ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ବିରୁଦ୍ଧରେ ସୁନ୍ଦରଗଡରେ ତାଙ୍କରି ଦଳର ଜଣେ ଯୁବନେତ୍ରୀ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ । ଏ ଦୁଇ ନେତାଙ୍କ କ୍ଷେତ୍ରରେ ଯେଉଁ ଆଧାରରେ ତଦନ୍ତ ହୋଇଥିଲା, ଝରିଗାଁ ବିଧାୟକଙ୍କ କ୍ଷେତ୍ରରେ ମଧ ସେହି ଆଧାରରେ ତଦନ୍ତ ହେବ । ପଂଚାୟତ ଓ ପୌର ନିର୍ବାଚନରେ ରାଜ୍ୟବାସୀଙ୍କ ଦ୍ୱାରା ଶୋଚନୀୟ ଭାବେ ପ୍ରତ୍ୟାଖାତ ହେବାପରେ ବିଜେପି ହତାଶ ହୋଇପଡିଛି । ତେଣୁ ବିଜେପି ନେତାମାନେ ଅଯଥାରେ କିଛି ଅପ୍ରସଙ୍ଗକୁ ପ୍ରସଙ୍ଗ କରି ହଟଚମଟ ସୃଷ୍ଟି ଲାଗି ଉଦ୍ୟମ କରୁଛନ୍ତି । ମାତ୍ର ବିଜେପିର ଏଭଳି ପୁରୁଣା ଚାଲ କୁ ରାଜ୍ୟବାସୀ ଭଲଭାବେ ବୁଝିଛନ୍ତି ବୋଲି ସୁଶ୍ରୀ ସାହୁ କହିଛନ୍ତି।

## ସରପ□ ପଦ ପାଇଁ ପ୍ରାର୍ଥୀ ପତ୍ର ଦାଖଲ

ବାଲେଶ୍ୱର,୫।୫(ପି.ଏନ): ଗତ ଫେବୃଆରୀ ମାସ ପ□ାୟତ ନିର୍ବାଚନ ସମୟରେ ରେମୁଣା ବ୍ଲକ ନୂଆ ଗାଁ ପ□ାୟତର ସରପ□ ପ୍ରାର୍ଥୀ ପରମାନନ୍ଦ ସେଠୀଙ୍କ ର ମୃତ୍ୟୁ ହୋଇଥିବାରୁ ସେଠାରେ ନିର୍ବାଚନ ସ୍ଥଗିତ ରହିଥିଲା। ଏହି ପଦବୀ ପାଇଁ ମଙ୍ଗଳବାର ପ୍ରାର୍ଥୀ ପତ୍ର ଦାଖଲ ଶେଷ ହୋଇଛି। ପ୍ରାର୍ଥୀ ପତ୍ର ଯା□ ପରେ ୭ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରାଯିବା ପାଇଁ ଧାର୍ଯ୍ୟ ହୋଇଛି। ୨୭ ତାରିଖ ଦିନ ଭୋଟ ଗ୍ରହଣ ଓ ୨୮ ତାରିଖରେ ଏହାର ଗଣତି ହେବ। ଏହି ପଦବୀ ପାଇଁ କା□ିକ ବାରିକ, ପ୍ରମୋଦ କୁମାର ରାଉତ ପ୍ରମୁଖ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ସୂଚନା ଥାଉକି ଉପନିର୍ବାଚନରେ ୭ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ସେଥି ମଧ୍ୟରୁ ଅନ୍ୟତମ ପ୍ରାର୍ଥୀ ଶ୍ରୀ ସେଠୀଙ୍କର ମୃତ୍ୟୁ ହୋଇଥିଲା।

## ଚଢାଉ ବେଳେ ପ୍ରାଣୀଧନ ନିରୀକ୍ଷକଙ୍କ ୯୦ଟି ଫ୍ଲାଟ୍ ଠାବ

ଭୁବନେଶ୍ୱର, ୫।୫(ପି.ଏନ): ଭୁବନେଶ୍ୱର ଉପକଣ୍ଠ କଳାରାହାଙ୍ଗର ପ୍ରାଣୀଧନ ନିରୀକ୍ଷକ ଜଗନ୍ନାଥ ରାଉତଙ୍କ ଘରେ ଆଜି ଭିଜିଲାନ୍ସ ଚଢ଼ାଉ ବେଳେ ତାଙ୍କର ବିପୁଳ ପରିମାଣର ସଂପତି ଠାବ କରାଯାଇଛି। ସମ୍ପତି ମଧ୍ୟରେ କଟକ ଓ ଭୁବନେଶ୍ୱରରେ ୯୦ଟି ଫ୍ଲାଟ୍ ରହିଛି । ୯୦ଟି ଫ୍ଲାଟ୍ ବ୍ୟତୀତ ତାଙ୍କର ୪ଟି କୋଠା ଓ ୩ଟି ଫ୍ଲାଟ୍ ରହିଛି। ଏଗୁଡ଼ିକ ସବୁ ଭୁବନେଶ୍ୱରରେ ଥିବା ଜଣାପଡିଛି। । ଭୁବନେଶ୍ୱରର ରଘୁନାଥପୁରରେ ଥିବା ରୋୟାଲ ଲାଗୁନ୍ ଆପାର୍ଟମେଂଟରେ ତାଙ୍କର ଏକ ୩ ବିଏଚ୍‌କେ ଫ୍ଲାଟ୍ ରହିଛି, ଯାହାର ଦାମ୍ ପ୍ରାୟ ୫୦ ଲକ୍ଷ ଟଙ୍କା। ସେହି ରଘୁନାଥପୁରର ଗ୍ରୀନ୍ ଗାର୍ଡେନ୍ ଆପାର୍ଟମେଂଟରେ ତାଙ୍କର ଏକ ୩ଟି ବେଡ୍‌ରୁମ୍ ବିଶିଷ୍ଟ ଫ୍ଲାଟ୍ ରହିଛି। ସେହିଭଳି ଭୁବନେଶ୍ୱରର ରୋୟାଲ ଆର୍କେଡ୍‌ର ଚତୁର୍ଥ ମହଲାରେ ତାଙ୍କର ଆଉ ଏକ ୩ ବେଡ୍ ରୁମ୍ ବିଶିଷ୍ଟ ଫ୍ଲାଟ୍ ରହିଛି ।କେବଳ ସେତିକି ନୁହେଁ ରଘୁନାଥପୁର ଗାଁରେ ତାଙ୍କର ୬୦୦୦ ବର୍ଗଫୁଟ୍ ର ଏକ ତିନି ମହଲା କୋଠା ରହିଛି। ଏହି କୋଠା ପଛପଟେ ତାଙ୍କର ୬୦୦୦ ବର୍ଗଫୁଟର ଏକ ତିନି ମହଲା ମାର୍କେଟ କମ୍ପ୍ଲେକ୍ସ ରହିଛି। ରଘୁନାଥପୁରରେ ତାଙ୍କର ୨୦୦୦ ବର୍ଗଫୁଟର ଏକ ଦୁଇ ମହଲା କୋଠା ମଧ୍ୟ ରହିଛି ।କଟକର ବାଙ୍କୀ ସ୍ଥିତ ଚାରିଘରିଆରେ ଜଗନ୍ନାଥ ରାଉତଙ୍କର ଏକ ଆଉଟ୍ ହାଉସ୍ , ବିଭିନ୍ନ ବ୍ୟାଙ୍କ ଆକାଉଂଟରୁ ୧୭ ଲକ୍ଷ ଟଙ୍କା , ୫୦୦ ଗ୍ରାମ ସୁନା ଜବତ କରାଯାଇଛି। ବୀମା ଓ ନିବେଶ ବାବଦ ଟଙ୍କାର ଗଣତି ଜାରି ରହିଛି। ଏହା ସହିତ ଠାବ ହୋଇଥିବା କୋଠା ଗୁଡ଼ିକର ମାପଚୁପ କରି ଭିଜିଲାନ୍ସ ଅଧିକାରୀମାନେ ସେଗୁଡ଼ିକର ସଠିକ୍ ମୂଲ୍ୟ ଆକଳନ କରୁଛନ୍ତି। ଚଢାଉ ଜାରି ରହିଥିବାରୁ ସମ୍ପତି ତାଲିକା ଆହୁରି ଲମ୍ବା ହୋଇପାରେ ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ ଆୟ ବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଭୁବନେଶ୍ୱର କଳାରାହାଙ୍ଗ ଅଂଚଳର ପ୍ରାଣୀଧନ ନିରୀକ୍ଷକ ଜଗନ୍ନାଥ ରାଉତଙ୍କ କଳାରାହାଙ୍ଗ ସ୍ଥିତ ବାସଭବନ ସମେତ ୯ଟି ସ୍ଥାନରେ ଚଢ଼ଉ କରିଛି ଭିଜିଲାନ୍ସ । ଏହି ଚଢ଼ାଉରେ ୫ ଜଣ ଡିଏସ୍‌ପି, ୧୦ ଜଣ ଇନ୍‌ସପେକ୍ଟର ସାମିଲ ହୋଇଛନ୍ତି।

## ମୋ ବସ୍ ସେବାରେ ସାମିଲ ହେବ ଇ- ବସ୍

ଭୁବନେଶ୍ୱର, ୫।୫(ପି.ଏନ): ମୋ ବସ୍ ସେବାରେ ଖୁବ୍ ଶୀଘ୍ର ବ୍ୟାଟେରୀ ଚାଳିତ ବା ଇ-ବସ୍ ସାମିଲ ହେବ ବୋଲି ରାଜ୍ୟରେ "ମୋ ବସ" ସେବା , କ୍ରୁଟ୍ ସଂପର୍କରେ ସମୀକ୍ଷା କରି ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । ସେ କହିଛନ୍ତି ରାଜ୍ୟ ରାଜଧାନୀ ସହରାଂଚଳରେ ପରିବହନ କ୍ଷେତ୍ରରେ କ୍ରୁଟ୍ , "ମୋ ବସ" ସେବା ଆଜି ଏକ ଅତ୍ୟାଧୁନିକ ଆରାମ ଦାୟକ ଜନସାଧାରଣ ପରିବହନ ବ୍ୟବସ୍ଥା ଭାବେ ଉଭା ହୋଇଛି । ସହରୀ ଯାତାୟତ ସେବାରେ ସଂସ୍କାର ଆଣିବାର ଆଦର୍ଶ ଭାବେ ଜାତୀୟ ସ୍ତରରେ ଏକ ମଡେଲ । ବର୍ତ୍ତମାନ ୩୨ ଟି ରୁଟ୍‌ରେ ଚଳାଚଳ କରୁଥିବା ୨୨୫ ଟି ବସ୍‌ରେ ଭୁବନେଶ୍ୱର , କଟକ , ଖୋର୍ଦ୍ଧା , ପିପିଲି , କୋଣାର୍କ ଓ ପୁରୀ ଭଳି ସହର ଦୈନିକ ହାରାହାରି ୧.୫ ଲକ୍ଷ ଯାତ୍ରୀ ଯାତାୟତ କରୁଛନ୍ତି । ଏହି ସବୁ ବସ୍ ଗୁଡିକ ସୁ-ବ୍ୟବସ୍ଥିତ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଛି । ୨୦୧୯ ମସିହାରୁ ପ୍ରତି ବର୍ଷ ଦୈନିକ ଯାତ୍ରୀ ପରିବହନ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବା ବେଳେ ରାଜସ୍ୱ ମଧ୍ୟ ବୃଦ୍ଧି ପାଇଛି । ଇତି ମଧ୍ୟରେ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମୋ ଇ-ରାଇଡ୍ , ଇ – ରିକ୍ସା ସେବା ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ଲୋକମାନେ ମୋ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସି ବସ୍ ଧରି ନିଜ ଗନ୍ତବ୍ୟ ସ୍ଥଳିକୁ ଯାଇ ପାରିବେ । ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୨୦୦ ଯାତ୍ରୀ ଅପେକ୍ଷା ପାଇଁ ଆଶ୍ରୟ ସ୍ଥଳ ନିର୍ମାଣ କରାଯାଇଛି । ପଟିଆ ଓ ଭଗବାନପୁରରେ ଅତ୍ୟାଧୁନିକ ବସ୍ ଡିପୋ ନିର୍ମିତ ହୋଇଥିବା ବେଳେ ଗାଡକଣ , ପୋଖରିପୁଟ ଓ ନରାଜ ଠାରେ ଡିପୋ କମ୍ ଅଫିସ ନିର୍ମାଣ କାର୍ଯ୍ୟ ଚାଲିଛି । କ୍ୟାପିଟାଲ ରିଜିଅନର ବିଭିନ୍ନ ଅଭ୍ୟନ୍ତରରେ ସେବା ପ୍ରଦାନ ପାଇଁ ପ୍ରାୟ ୧୦୦ ମିନି ବସ୍ ଚଳାଚଳ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ମୋ ବସ୍ ସେବା ୨୦୧୯ ରୁ ୨୦୨୧ ମଧ୍ୟରେ ଜାତୀୟ ସ୍ତରରେ ଏବଂ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ତରଫରୁ ୭ ଟି ପୁରସ୍କାର ପାଇ ପାରିଛି । ଆଗାମୀ ଦିନେ କିପରି ଏହାକୁ ଆହୁରି ଅଧିକ ବ୍ୟାପକ ଓ ସୁଦୃଢ଼ କରାଯାଇ ପାରିବ ସେ ନେଇ ଉଦ୍ୟମ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି । ଲୋକସେବା ଭବନସ୍ଥିତ ମନ୍ତ୍ରୀ ଶ୍ରୀ ଜେନାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂହ ଓ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

## ବ୍ରଜରାଜନଗର ଉପନିର୍ବାଚନ : ପ୍ରାର୍ଥୀ ଚୟନ ପାଇଁ କଂଗ୍ରେସର କମିଟି ଗଠିତ

ଭୁବନେଶ୍ୱର, ୫।୫(ପି.ଏନ): ଚଳିତ ମାସ ୩୧ ତାରିଖ ଦିନ ବ୍ରଜରାଜନଗର ବିଧାୟକ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଚୟନ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ ଅଧକ୍ଷ ରହିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ସଭାପତି ଭରତ ଅବସ୍ତି ଆବାହକ ରହିଛନ୍ତି। ସେହିପରି ଉକ୍ତ କମିଟିରେ ସମ୍ବଲପୁର ଜିଲ୍ଲା ସଭାପତି ଅଶ୍ୱିନୀ ଗୁରୁ, ସୁନ୍ଦରଗଡ଼ ଜିଲ୍ଲା ସଭାପତି ବେଣୁ ମାଧବ ତ୍ରିପାଠୀ, ବରଗଡ଼ ସାଂସଦ ପ୍ରାର୍ଥୀ ପ୍ରଦୀପ ଦେବତା ସଭ୍ୟ ଭାବେ ରହିଛନ୍ତି।

## ବିଧାୟକ ଜିଗ୍ନେଶ ମେୱାନୀ ଦୋଷୀ ସାବ୍ୟସ୍ତ, ୩ ମାସ ଜେଲ

**ଅହମ୍ମଦାବାଦ,୫।୫(ପି.ଏନ): ୨୦୧୭ରେ ଏକ ଅବୈଧ ରାଲିକୁ ନେଇ ଦୋଷୀ ସାବ୍ୟସ୍ତ ହୋଇଛନ୍ତି କଂଗ୍ରେସ ବିଧାୟକ ଜିଗ୍ନେଶ ମେୱାନୀ। ଗୁଜରାଟର ମହେସାଣା କୋର୍ଟ ତାଙ୍କୁ ୩ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ହଜାର ଟଙ୍କା ଜରିମାନା କରାଯାଇଛି। ଜିଗ୍ନେଶ ମେୱାନୀଙ୍କ ସହ ଏନସିପି ନେତ୍ରୀ ରେଶମା ପଟେଲ ଏବଂ ସୁବୋଧ ପରମାରଙ୍କୁ ମଧ୍ୟ ତିନିମାସ ପାଇଁ ଦଣ୍ଡିତ କରାଯାଇଛି। ଏହି ରାୟକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଜିଗ୍ନେଶ। ସେ କହିଛନ୍ତି ଯେ, ତଳ କୋର୍ଟ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଯିବେ। କୋର୍ଟଙ୍କ ଏହି ରାୟରେ ସେ ବିଚଳିତ ନୁହନ୍ତି। ଦଳିତଙ୍କ ଅଧିକାର ପାଇଁ ସେ ଆନ୍ଦୋଳନ ଜାରି ରଖିବେ । ଜିଗ୍ନେଶ କହିଛନ୍ତି ଯେ, ତଳ କୋର୍ଟର ଏହି ରାୟକୁ ମୁଁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବି। ମୋ ବିରୋଧରେ ଯେଉଁ ରାୟ ଆସିଛି ସେଥିରେ ମୁଁ ଦୁଃଖିତ ନୁହଁ। ଦଳିତ ଭାଇ ଭଉଣୀଙ୍କ ଅଧିକାର ପାଇଁ ମୁ ଜେଲ ଯିବାକୁ ପ୍ରସ୍ତୁତ**



ବୋଲି ସେ କହିଛନ୍ତି ।ସୂଚ୍ନା ଅନୁଯାୟୀ, ୫ବର୍ଷ ପୂର୍ବ? ବିନା ଅନୁମତିରେ ରାଲି କରିଥିବାରୁ ସମୁଦାୟ ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଗୁଜରରାଟର ମହେସାଣା କୋର୍ଟ। ଦଣ୍ଡିତ ହୋଇଥିବା ୧୨ଜଣ ଦୋଷୀ ୨୦୧୭ରେ ଆଜାଦୀ କୁଚ୍ ରାଲି କରିଥିଲେ। ଉନାରେ ଦଳିତଙ୍କୁ ମାଡ ମରାଯିବା ଘଟଣାରେ ଜୁଲାଇ ୧୨, ୨୦୧୭ରେ 'ଆଜାଦୁ କୁଚ୍' ନାମକ ଆନ୍ଦୋଳନ କରାଯାଇଥିଲା। ତେବେ ବିନା ଅନୁମତିରେ ଏହି ରାଲି କରାଯାଇଥିବା ସେମାନଙ୍କ ଉପରେ ଆରୋପ ଲାଗିଥିଲା । ବିଧାୟକ ଜିଗ୍ନେଶ ମେୱାନୀ, ଏନସିପି ନେତା ରେଶମା ପଟେଲ, ସୁବୋଧ ପରମାର ଏହି ରାଲି କରି ସରକାରଙ୍କ ବିଜ୍ଞପ୍ତିକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଏବେ ଏହି ମାମଲାର ଶୁଣାଣି କରି ମହେସାଣା କୋର୍ଟ ୧୨ ଜଣଙ୍କୁ ୩ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ନିଟକରେ ଦୁଇଟି ମାମଲାରେ ଜିଗ୍ନେଶ ଜାମିନରେ ଆସିଛନ୍ତି। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବିବାଦୀୟ ଟ୍ୱିଟ୍ ? ପାଇଁ ମେୱାନୀଙ୍କୁ ଆସାମ ପୁଲିସ ଗିରଫ କରିଥିଲା। ପରେ ତାଙ୍କୁ ଜାମିନ ମିଳିଥିଲା । ହେଲେ ଜେଲରୁ ବାହାରିବା ପରେ ଜଣେ ମହିଳା କନଷ୍ଟେବଳଙ୍କୁ ଦୁର୍ବ୍ୟବହାର ପାଇଁ ଜିଗ୍ନେଶଙ୍କୁ ପୁଣି ଗିରଫ କରାଯାଇଥିବା ବେଳେ ଏବେ ତାଙ୍କୁ ଜାମିନ ମିଳିଛି।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ



ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ



ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

# ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ



ଆପଣଙ୍କ ଶରୀର ପାଇଁ କ୍ଷତିକାତ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ

ବାଲେଶ୍ୱର (ପିଏନ୍)- ଗତକାଲି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନ୍ୟବର ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଅନନ୍ତ ଦାସ, ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ଜଳେଶ୍ୱର ବିଧାୟକ ଶ୍ରୀ ଅଶ୍ୱିନୀ




ପାତ୍ର, ମାନ୍ୟବର ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିବା ବେଳେ ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ କରାଯାଇଥିବା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ ୨୦୨୧-୨୨ ଆର୍ଥିକ ବର୍ଷରେ ୟାସ୍ ବାତ୍ୟା, କୋଭିଡ୍,ବଜ୍ରପାତ,ସାପକାମୁଡା ପ୍ରଭୃତି ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ବ୍ୟକ୍ତି, ହୋଇଥିବା କ୍ଷୟକ୍ଷତି ଓ ପ୍ରଦାନ କରାଯାଇଥିବା କ୍ଷତିପୂରଣ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ । ଏହା ପରେ ଆଗାମୀ ବର୍ଷା ଋତୁ ଓ ମୌସୁମୀକୁ ଆଖି ଆଗରେ ରଖି ଜିଲ୍ଲାକୁ କିପରି ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରାଯାଇପାରିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିରେ ଦୁର୍ବଳ ନଦୀବନ୍ଧ ଚିହ୍ନଟ ଏବଂ ମରାମତି, ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥାର ସୁପରିଚାଳନା , କେନାଲ ମରାମତି ପ୍ରଭୃତି ଉପରେ ମାନ୍ୟବର ସାଂସଦ, ବିଧାୟକଙ୍କ ସମେତ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ମତାମତ ରଖିଥିଲେ । ବନ୍ୟାଜଳ ଅବାଧରେ ଯେପରି ନିଷ୍କାସନ ହୋଇପାରିବ ସେଥିପାଇଁ ଆଗୁଆ ପଦକ୍ଷେପ ନେବା ସହ ବନ୍ୟାପ୍ରବଣ ଜାଗାରେ ବାଲିବସ୍ତା ପକାଇବାକୁ ଜଳସେଚନ ବିଭାଗ ଓ ଡ୍ରେନେଜ ବିଭାଗକୁ କୁହାଯାଇଥିଲା । ଯେଉଁସବୁ ସ୍ଥାନରେ ପଥର ପ୍ୟାଚିଂ କାମ ଚାଲିଛି ତାହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଗୃହରେ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ କୌଣସି ଟାଳଟୁଳ ନୀତି ଅବଲମ୍ବନ ନ କରି ଏ ଦିଗରେ ଦୃଢ ପଦକ୍ଷେପ ନେବାକୁ ମାନ୍ୟବର ମନ୍ତ୍ରୀ,ସାଂସଦ ଓ ବିଧାୟକମାନେ ଜୋର୍ ଦେଇଥିଲେ । ବୃଷ୍ଟିପାତର ସଠିକ୍ ମାପ ସହ ନିୟମିତ ରିପୋର୍ଟ ପ୍ରଦାନ ପାଇଁ ବିଡିଓମାନଙ୍କୁ କୁହାଯାଇଥିଲା । ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ପ୍ରଦାନ ପାଇଁ ସମ୍ପୃକ୍ତ ବ୍ଲକର ବିଡିଓ ଓ ତହସିଲଦାର ମାନଙ୍କୁ ଜୋନ ଅଧିକାରୀ-୧ ଓ ଜୋନ ଅଧିକାରୀ-୨ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ପାଣିପାଗ ବିଭାଗ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସତର୍କ ସୂଚନା ଯେଭଳି ଲୋକଙ୍କ ପାଖରେ ଠିକ୍ ସମୟରେ ପହଂଚିପାରିବ ତାହାର ବ୍ୟବସ୍ଥା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିପର୍ଯ୍ୟୟ ସମୟରେ ଟେଲିଫୋନ୍ ଓ ମୋବାଇଲ ସେବା ଯେଭଳି ଠପ୍ ପଡି ନ ଯାଏ ତା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ବନ୍ୟାପ୍ରବଣ ସ୍ଥାନରେ ଏବେ ୩୭ଟି ସରକାରୀ ପାୱାର୍ ବୋଟ୍ ମୁତୟନ ହୋଇଥିବା ବେଳେ ଘରୋଇ ଦେଶୀ ଓ ମୋଟର ବୋଟ ସମ୍ବନ୍ଧରେ ସୂଚନା ବିଭାଗୀୟ ଅଧିକାରୀ ଆସନ୍ତା ମେ ୩୧ତାରିଖ ସୁଦ୍ଧା ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବେ । ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କାର୍ଯ୍ୟ କରିବ । ବର୍ତ୍ତମାନ ଜିଲ୍ଲାରେ ୧୧୨ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଏବଂ ୨୮ଟି ବନ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟ କରୁଛି । ସେଗୁଡିକରେ ଆବଶ୍ୟକ ସରଞ୍ଜାମ ରହିଛି କି ନାହିଁ ତାହାର ମିଳିତ ତଦନ୍ତ କରି ରିପୋର୍ଟ ଦେବା ପାଇଁ କୁହାଯାଇଛି । ଯେଉଁସବୁ ଆଶ୍ରୟସ୍ଥଳୀରେ ବିଦ୍ୟୁତ ବ୍ୟବସ୍ଥା ନାହିଁ ସେଠାରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେବାକୁ କୁହାଯାଇଛି । ଆବଶ୍ୟକସ୍ଥଳେ ଅନ୍ୟାନ୍ୟ ସୁରକ୍ଷିତ ପକ୍କା ଗୃହକୁ ମଧ୍ୟ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାକୁ ଚିହ୍ନଟ କରାଯାଇଛି । ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଭି.ଏଚ.ଏଫ୍. ସେଟ୍ ଉପଲବଧ ଥିବା ବେଳେ ତାହାର ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ବିଡିଓମାନଙ୍କୁ କୁହାଯାଇଛି । ଜିଲ୍ଲାରେ ଯଥେଷ୍ଟ ପରିମାଣରେ ପଲିଥିନ୍, ଶୁଖିଲା ଖାଦ୍ୟସାମଗ୍ରୀ, ଚୂଡ଼ା, ଗୁଡ, କିରାସିନି ଇତ୍ୟାଦ ମହଜୁଦ୍ ରଖିବାକୁ ବିଡିଓ, ତହସିଲଦାର ଓ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିପର୍ଯ୍ୟୟ ସମୟରେ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ଔଷଧ, ଔଷଧ କିଟ, କର୍ମଚାରୀଙ୍କୁ ସଜାଗ ରଖିବା ସହ ସାପକାମୁଡା ଇଞ୍ଜେକସନ, ହଇଜା ଓ ମ୍ୟାଲେରିଆ ମୁକାବିଲା ପାଇଁ ଓ.ଆର.ଏସ., ହେଲୋଜିନ, ବ୍ଲିଚିଂ, ଥଣ୍ଡା, କାଶ ଭଳି ରୋଗ ପାଇଁ ଔଷଧ ଆଗୁଆ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ରରେ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ କୁହାଯାଇଛି । ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଖରାଦିନ ପାଇଁ ନଳକୂପ ମରାମତି ସହ ପ୍ରସ୍ତାବିତ ନୂତନ ନଳକୂପ କାମ ତୁରନ୍ତ ଆରମ୍ଭ କରିବା ଏବଂ ଜଳକ୍ଲିଷ୍ଟ ସ୍ଥାନମାନଙ୍କ ପାଇଁ ଟ୍ୟାଙ୍କରରେ ଜଳଯୋଗାଣ ବ୍ୟବସ୍ଥା କରିବା ଏବଂ ବନ୍ୟା, ବାତ୍ୟା ସମୟରେ ଅନୁରୂପଭାବେ ପାନୀୟ ଜଳଯୋଗାଣ ସୂଚାରୁ ରୂପେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରାଣୀଧନ ଚିକିତ୍ସା ବିଭାଗ ଗୃହପାଳିତ ଓ ଅନ୍ୟ ପଶୁପକ୍ଷୀଙ୍କ ପାଇଁ ଚିକିତ୍ସାସେବା ଯୋଗାଇଦେବାକୁ କୁହାଯାଇଛି । କୃଷି ବିଭାଗ ତରଫରୁ ସମନ୍ୱିତ ଯୋଜନା ପ୍ରସ୍ତୁତ କରି ବନ୍ୟାବାତ୍ୟା ପ୍ରଭାବିତ କୃଷିର ଭରଣା, ବିହନ ଓ ସାର ଯୋଗାଣ ସହାୟତା ପାଇଁ ପଦକ୍ଷେପ ନେବେ । ରିଲିଫ୍ ଯୋଗାଣ ସମୟରେ ଆବଶ୍ୟକ ଯାନବାହାନ ଯୋଗାଇ ଦେବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ କୁହାଯାଇଛି । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ବେଳେ ପୋଲିସ ତରଫରୁ ରିଲିଫ୍ ସାମଗ୍ରୀର ସୁରକ୍ଷା ପାଇଁ ପୋଲିସ ମୁତୟନ କରିବା ସହ ବାଲେଶ୍ୱରଠାରେ ଓଡ୍ରାଫ ଏବଂ ଏନ.ଡି.ଆର.ଏଫ୍. ଟିମ ମୁତୟନ କରିବା ବନ୍ଦୋବସ୍ତ କରାଯିବ । ଏଥିସହିତ ଜିଲ୍ଲାରେ ହେଲିପ୍ୟାଡ ଓ ଏୟାରଷ୍ଟ୍ରିପ ଚିହ୍ନଟ କରି ତାର ସଠିକ ଅବସ୍ଥିତି, ଅକ୍ଷାଂଶ ଓ ଦ୍ରାଘିମା ସୂଚୀତ କରି ରାଜ୍ୟ କାର୍ଯ୍ୟାଳୟକୁ ଜଣାଇବା ଏବଂ ବନ୍ୟାଜନିତ ରିପୋର୍ଟ ନିୟମିତଭାବେ ପ୍ରେରଣ କରିବା ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି । ଜରୁରୀ ପରିସ୍ଥିତିବେଳେ ସ୍ଥାନୀୟ ଅଂଚଳରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଯୋଗ ନିଆଯିବା ସହ ସେମାନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ବନ୍ୟା ବାତ୍ୟା ସମ୍ପର୍କିତ ସୂଚନା ପାଇଁ ବାଲେଶ୍ୱରରେ ଡପଲାର୍ ରାଡାର୍ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ମିଳିବା ସହ ଏଥିପାଇଁ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ରାଡାର ପ୍ରତିଷ୍ଠାରେ ବିଳମ୍ବକୁ ନେଇ ଗୃହରେ ଉଦବେଗ ପ୍ରକାଶ ପାଇଥିଲା । ପାଣିପାଗ ବିଭାଗ ସହ ଯୋଗାଯୋଗ ରକ୍ଷା କରି ଏହା ସ୍ଥାପନ କରିବାକୁ ପଦକ୍ଷେପ ନେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କୁନାଲ ଚୌହାନ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ପୌରାଂଚଳ ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀ, ଲାଇନ ଡିପାର୍ଟମେଂଟ ଅଧିକାରୀଗଣ,ଅଗ୍ନିଶମ ବିଭାଗ,ଓଡ୍ରାଫ୍, ଏନଡିଆରଏଫ୍‌ର ପ୍ରତିନିଧିଗଣ ଯୋଗ ଦେଇଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବ୍ୟ ମାତା : ମାତା ଈଶ୍ୱରାମ୍ମା





ଯୁଗେ ଯୁଗେ ମହିୟସୀ ମହିଳାମାନେ ଭଗବାନଙ୍କୁ ଗର୍ଭରେ ଧାରଣ କରିବାର ସୁଯୋଗ ପାଇଥାଆନ୍ତି । ଏ ସୁଯୋଗ ନିଜେ ଭଗବାନ ଦେଇଥାନ୍ତି । ଭଗବାନ ସତ୍ୟସାଇ ବାବାଙ୍କ ମାତା ଈଶ୍ୱରାମ୍ମାଙ୍କ ପବିତ୍ର ନାମରୁ ଜଣାଯାଏ ସତେଯେପରି ସେ ଈଶ୍ୱରଙ୍କ ରମା ହେବା ପାଇଁ ସୁଦୂର କର୍ଣ୍ଣୁଲ ଅଞ୍ଚଳର କଲମକୁଣ୍ଡି ଗ୍ରାମରେ ସୁବାରାଜୁଙ୍କ କନ୍ୟା ରୂପେ ଜନ୍ମ ଗ୍ରହଣ କରିଥିଲେ । ସୁବାରାଜୁ ଜଣେ ଧର୍ମ ପରାୟଣ ଶିବଭକ୍ତ ବ୍ୟକ୍ତି ଥିଲେ । ସେ ତାଙ୍କ ଗ୍ରାମରେ ଗୋଟିଏ ଶିବ ମନ୍ଦିର ତିଆରି କରିଥିଲେ ଓ ଝିଅର ନାମ ଈଶ୍ୱରାମ୍ମା ଦେଇଥିଲେ । ଈଶ୍ୱରାମ୍ମା ମଧ୍ୟ ପିଲାଦିନରୁ ଶିବ ଭକ୍ତ ଥିଲେ । ଥରେ ସତ୍ୟସାଇ ବାବାଙ୍କ ଜେଜେ ବାପା କୋଣ୍ଡମା ରାଜୁ ତାଙ୍କର ସମ୍ପର୍କୀୟ ସୁବାରାଜୁଙ୍କ ଗ୍ରାମକୁ ଯାଇ ନିଜ ପୁତ୍ର ଭେଙ୍କପାରାଜୁ ସହିତ ଈଶ୍ୱରାମ୍ମାଙ୍କ ବିବାହ ପ୍ରସ୍ତାବ ଦେବା ସହିତ ଚିତ୍ରାବତୀ ନଦୀ କୂଳରେ ମିଳୁଥିବା ଜମିରୁ କିଛି କିଣି ସେଠାରେ ଘର କରି ରହିବାକୁ ପ୍ରସ୍ତାବ ଦେଲେ । ସୁବାରାଜୁ ଚିତ୍ରାବତୀ ନଦୀ କୂଳରେ ଥିବା କର୍ଣ୍ଣାଟନାଗପଲ୍ଲୀ ଗ୍ରାମରେ ଜମି କିଣି ଘର କରି ରହିଲେ ଓ ଚଉଦବର୍ଷର କନ୍ୟା ଈଶ୍ୱରାମ୍ମା ସହିତ କୋଣ୍ଡମାରାଜୁଙ୍କର ବିବାହ ସମ୍ପର୍ଣ୍ଣ ହେଲା । ବିବାହର ଦୁଇବର୍ଷ ପରେ ପ୍ରଥମ ପୁତ୍ର ଜନ୍ମ ହେଲା । କିଛି ବର୍ଷ ଅନ୍ତରରେ ଆଉ ଦୁଇଟି ଝିଅ ମଧ୍ୟ ଜନ୍ମଲାଭ କଲେ । ସେତେବେଳେ ସୁଦୂର ମଫସଲ ଅଞ୍ଚଳରେ ଡାକ୍ତର ନଥିଲେ କି ଚିକିତ୍ସାର କୌଣସି ସୁବିଧା ନଥିଲା । ଗାଁ ଧାଈଙ୍କ ତତ୍ତ୍ୱାବଧାନରେ ପ୍ରସବକ୍ରିୟା



ସମ୍ପାଦିତ ହେଉଥିଲା । ସେ ସମୟରେ ଜନ୍ମ ନିୟନ୍ତ୍ରଣ ବିଷୟରେ କେହି ଚିନ୍ତା କରୁନଥିଲେ । ଗର୍ଭାବସ୍ଥାରେ ଆବଶ୍ୟକୀୟ ବିଶ୍ରାମ ବା ଉତ୍ତମ ଖାଦ୍ୟ ଗ୍ରହଣ ବିଷୟରେ ଭାବୁ ନଥଲେ । ଫଳରେ ତିନିଟି ପିଲା ଜନ୍ମ ପରେ ଈଶ୍ୱରାମ୍ମାଙ୍କର ଆଉ ଚାରିଟି ପିଲା ଗର୍ଭରୁ ନଷ୍ଟ ହୋଇଗଲେ । ସେତେବେଳେ ପୁଟ୍ଟାପର୍ତ୍ତିରେ ଗାଁ ମଝିରେ ଥିବା କୂଅରୁ ବା ଚିତ୍ରାବତୀ ନଦୀରୁ ଜଳ ଆଣି ବ୍ୟବହାର କରାଯାଉଥିଲା । ସାଧାରଣତଃ ମହିଳାମାନେ ରାତି ହେଲା ପରେ ଗାଁ ଦାଣ୍ଡରେ ଥିବା କୂଅରୁ ପାଣି ଆଣୁଥିଲେ । ଦିନେ ରାତିରେ ଈଶ୍ୱରାମ୍ମା କୂଅରୁ ପାଣି ବାହାର କରୁଥିବା ସମୟରେ ନୀଳ ରଙ୍ଗର ଏକ ଉଜ୍ଜ୍ୱଳ ଆଲୋକର ପିଣ୍ଡୁଳା ଆକାଶରୁ ଦ୍ରୁତବେଗରେ ଖସି ଆସି ସେ ଅଞ୍ଚଳକୁ ଆଲୋକିତ କରି ଦେଇ ଈଶ୍ୱରାମ୍ମାଙ୍କ ପେଟରେ ମିଳାଇ ଗଲା ।

ଈଶ୍ୱରାମ୍ମା ଏ ଅପୂର୍ବ ଦୃଶ୍ୟ ସଂଦର୍ଶନ କରି ଭୟଭୀତ ହୋଇ କିଛି ସମୟ ପାଇଁ ସଂଜ୍ଞାହୀନ ହୋଇପଡ଼ିଲେ । କିଛି ଦୂରରେ ଗାଁର କରଣ ସୁବାମ୍ମା ଏ ଦୃଶ୍ୟ ଦେଖୁଥିଲେ । ସେ ଈଶ୍ୱରାମ୍ମାଙ୍କ ନିକଟକୁ ଧାଇଁ ଆସି ତାଙ୍କୁ ଧରି ପକାଇ ସଷ୍ଟାଙ୍ଗ କଲାପରେ କହିଲେ ତମ ଗର୍ଭରେ ଜଣେ ଦିବ୍ୟ ପୁରୁଷ ପ୍ରବେଶ କରିଛନ୍ତି । ଏହାତମ ପାଇଁ ଏକ ସୌଭାଗ୍ୟର ବିଷୟ । ଏହାପରେ ଈଶ୍ୱରାମ୍ମାଙ୍କର ଅଷ୍ଟମ ଗର୍ଭ ସଂଚାରର ସୂଚନା ଜଣାପଡ଼ିଲା । ଗର୍ଭସ୍ଥ ଶିଶୁର ବୃଦ୍ଧି ସହିତ କେତେ ଗୁଡ଼ିଏ ଶୁଭ ସଙ୍କେତ ଜଣାପଡ଼ିଲା । ଈଶ୍ୱରାମ୍ମା ଶୟନ କରିଥିବା କୋଠରୀରେ ଥିବା ବିଭିନ୍ନ ବାଦ୍ୟଯନ୍ତ୍ର ମଧ୍ୟରାତ୍ର ପରେ ସୁମଧୁର ତାନରେ ବାଜି ଉଠିବା କଥା ଶୁଣାଗଲା । ଶୁନ୍‌ସାନ ରାତିରେ ଘନ ଅନ୍ଧକାର ମଧ୍ୟରେ ମନକୁ ମନ ବାଦ୍ୟ ଯନ୍ତ୍ରଗୁଡ଼ିକ ବାଜି ଉଠିବା ଘଟଣା ବିଷୟରେ ପଣ୍ଡିତମାନେ ମତ ଦେଲେ ଯେ ଗର୍ଭସ୍ଥ ଦିବ୍ୟ ଶିଶୁର ଆନନ୍ଦ ପାଇଁ ଦେବତାମାନେ ଏ ଯନ୍ତ୍ର ଗୁଡ଼ିକୁ ବଜାଉଛନ୍ତି । ସୁବାମ୍ମା ଈଶ୍ୱରାମ୍ମାଙ୍କ ଯତ୍ନ ନେଉଥାଆନ୍ତି । ବିନା ବାଧାବିଘ୍ନରେ ଦିନ ଗଡ଼ି ଚାଲିଥାଏ । ସାମାନ୍ୟ ଗର୍ଭ ବେଦନା ପରେ ଶିଶୁପୁତ୍ର ଜନ୍ମ ଲାଭ କଲା । ସେଦିନ ଥାଏ କାର୍ତ୍ତିକ ମାସ ସୋମବାର ରାତ୍ରି ଶେଷ ଘ୫.୦୬ ମି ସମୟ, ନଭେମ୍ବର ୨୩ ତାରିଖ ୧୯୨୬ ମସିହା ଓ ଆଦ୍ରା ନକ୍ଷତ୍ର । ଶିଶୁ ଜନ୍ମ ପୂର୍ବରୁ ଈଶ୍ୱରାମ୍ମାଙ୍କ ଶାଶୁ ସତ୍ୟନାରାୟଣ ପୂଜା କରିବାକୁ ଯାଇଥାଆନ୍ତି । ସୁବାମ୍ମା ଜନ୍ମ ସମୟରେ ଏନ୍ତୁଡ଼ିଶାଳରେ ରହି ଜନ୍ମିତ ଶିଶୁର ହସ ହସ ମୁହଁକୁ ଦେଖି ସତ୍ୟନାରାୟଣ ନାମ କରଣ କଲେ । ମାତା ଈଶ୍ୱରାମ୍ମା, ସୁବାମ୍ମା ଓ ଅନ୍ୟାନ୍ୟ ମହିଳା ମାନଙ୍କ ସେବାଯତ୍ନରେ ସତ୍ୟନାରାୟଣଙ୍କ ଶାରୀରିକ ବୃଦ୍ଧି ସହିତ ଦିନକୁ ଦିନ ଦେବତ୍ୱର ପରିପ୍ରକାଶ ହେଲା । ସତ୍ୟ ନଅ ମାସର ଶିଶୁ ହୋଇଥିବା ସମୟରେ ଈଶ୍ୱରାମ୍ମା ତାଙ୍କ ଦୋଳି ଉପରେ ଶୁଆଦେଇ କ୍ଷୀର ପାଇଁ ଗଲେ । ଫେରିଆସି ଦେଖନ୍ତି ତ ସତ୍ୟଚାରି ପଟରେ ଏକ ଆଲୋକର ବଳୟ ଘେରି ରହିଛି । ଈଶ୍ୱରାମ୍ମା ସେ ବଳୟ ମଧ୍ୟକୁ ଯାଇ ଅନୁଭବ କଲେ ଯେ, ସେ ଅଞ୍ଚଳ ଅତ୍ୟନ୍ତ ଶୀତଳ ଓ ସୁବାସିତ ମନେହେଉଛି । ସତ୍ୟର ଦୈବତ୍ୱ ବିଷୟରେ ଈଶ୍ୱରାମ୍ମା ନିଃସନ୍ଦେହ ହେଲେ । ଈଶ୍ୱରାମ୍ମାଙ୍କ ଯତ୍ନରେ ସତ୍ୟ ସାତବର୍ଷ ବୟସରେ ପୁଟାପର୍ତ୍ତିରୁ ତିନିମାଇଲ ଦୂରରେ ଥିବା ବୁକ୍କା ପଟନମ୍‌ରେ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରି ସାଙ୍ଗ ପିଲାମାନଙ୍କ ସହିତ ସ୍କୁଲକୁ ଯିବା ଆରମ୍ଭ କଲେ । ସ୍କୁଲର ସର୍ବୋତ୍ତମ ଛାତ୍ରର ମାନ୍ୟତା ଲାଭ କରି ସତ୍ୟ ହାଇସ୍କୁଲରେ ପଢ଼ିବା ପାଇଁ ଭରବକୋଣ୍ଡା ଯିବା କଥା ହେଲା । ବଡ଼ଭାଇ ଶେଷମାରାଜୁ ସେଠାରେ ଥିବା ହାଇସ୍କୁଲରେ ଶିକ୍ଷକ ଥିଲେ । ଈଶ୍ୱରାମ୍ମା ସତ୍ୟକୁ ପାଖକୁ ଛାଡ଼ିବା ବେଳେ ଅତ୍ୟନ୍ତ ଦୁଃଖିତ ହେଲେ । ଛୁଟିରେ ସତ୍ୟ ପୁଟାପର୍ତ୍ତି ଆସିଲେ ମା ଦିନରାତି ତାଙ୍କର ଯତ୍ନ ନେଉଥିଲେ । ଥରେ ସତ୍ୟ କାନ୍ଧରେ କୌଣସି ଆଘାତର ଦାଗ ଦେଖି ଈଶ୍ୱରାମ୍ମା ବ୍ୟସ୍ତ ହୋଇପଡ଼ିଲେ । ଭରବକୋଣ୍ଡାରେ ଜଳାଭାବ ଯୋଗୁଁ ଭାଇଙ୍କ ପରିବାର ଓ ଅନ୍ୟଜଣେ ପଡ଼ୋଶୀଙ୍କ ପରିବାର ପାଇଁ ସତ୍ୟ ଦୂରରୁ ଭାରକରି ପାଣି ଆଣୁଥିବା ଯୋଗୁଁ କାନ୍ଧରେ ଦାଗ ହୋଇଯାଇଥାଏ । ଈଶ୍ୱରାମ୍ମା ଏ ଦାଗ ଦେଖି ଅତ୍ୟନ୍ତ ଦୁଃଖିତ ହେଲେ । ସତ୍ୟ ତାଙ୍କୁ କଥାରେ ଭୁଲାଇ ଦେଲେ । ଅବତାର ଉଦ୍‌ଘୋଷଣା ପରେ ସତ୍ୟ ମାଙ୍କ କଥାରେ ପୁଟାପର୍ତ୍ତିରେ ଅବସ୍ଥାନ କଲାପରେ ମାତା ଈଶ୍ୱରାମ୍ମା ତାଙ୍କୁ ତିନିଟି ବିଷୟ ମାଗିଥିଲେ । ପ୍ରଥମଟି ହେଲା ଗାଁରେ ସ୍କୁଲଟିଏ ନାହିଁ । ପିଲାମାନେ ଦୂର ଗାଁକୁ ପାଠପଢ଼ିବାକୁ ଯାଉଛନ୍ତି । ଅନ୍ତତଃ ଗାଁରେ ଗୋଟିଏ ସ୍କୁଲ କଲେ ଗାଁ ପିଲାମାନେ ସେଠାରେ ପଢ଼ିବେ । ଦ୍ୱିତୀୟ କଥା ହେଲା ଗାଁରେ ଜଳକଷ୍ଟ ଦୂର କରିବା ପାଇଁ ପାନୀୟ ଜଳର ସୁବନ୍ଦୋବସ୍ତ ହେଲେ ଗ୍ରାମବାସୀମାନେ ଉପକୃତ ହେବେ । ତୃତୀୟରେ ଗାଁ ଡାକ୍ତରଖାନାଟିଏ ନଥିବାରୁ ଗ୍ରାମବାସୀମାନେ ଦୂର ଗାଁକୁ ଚିକିତ୍ସା ପାଇଁ ଯାଉଛନ୍ତି । ଗାଁରେ ଡାକ୍ତରଖାନାଟିଏ କଲେ ଲୋକ ସହଜରେ ଚିକିତ୍ସାର ସୁଯୋଗ ପାଇବେ । ମା'ଙ୍କର ଏହି ତିନିଟି ଅଳିକୁ ବାବା ଆଶାତୀତ ଭାବେ ପୂରଣ କରିଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଈଶ୍ୱରାମ୍ମା ସତ୍ୟସାଇ ବାବାଙ୍କ ନିକଟରେ ରହିଥିଲେ । ସେ ବାବାଙ୍କ ଭଗବାନ ବୋଲି ଦୃଢ଼ ବିଶ୍ୱାସ କରି ସ୍ୱାମୀ ବୋଲି ସମ୍ବୋଧନ କରୁଥିଲେ । ମାତା ଈଶ୍ୱରାମ୍ମା ଶେଷ ନିଶ୍ୱାସ ତ୍ୟାଗ କରିବା ସମୟରେ ଗ୍ରୀଷ୍ମକାଳୀନ ଶିବିରରେ ବାବା ଥାଆନ୍ତି । ଈଶ୍ୱରାମ୍ମା ଶେଷ ମୁହୂର୍ତ୍ତରେ ସ୍ୱାମୀ ! ସ୍ୱାମୀ ! ସ୍ୱାମୀ ! ବୋଲି ତିନିଥର ଡାକ ଦେଲେ । ବାବା ଶୀଘ୍ର ଏହା ଜାଣି ପାରି ଯାଉଛି ଯାଉଛି ଯାଉଛି ବୋଲି କହି ମାଙ୍କ ପାଖକୁ ଆସିଲେ ଏବଂ ଦିବ୍ୟମାତା ଈଶ୍ୱରାମ୍ମାଙ୍କ ମହାପ୍ରୟାଣ ଘଟିଲା । ଶ୍ରୀସତ୍ୟସାଇ ସେବା ସଙ୍ଗଠନର ବିଶ୍ୱ ତମାମ ସମସ୍ତ ସାଇ ମନ୍ଦିର, ସାଇକେନ୍ଦ୍ର, ସମିତି ଓ ଭଜନ ମଣ୍ଡଳୀରେ ଏହି ଦିନ ତମାମ ବିଭିନ୍ନ ଆଧାତ୍ମିକ ଓ ସେବାକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।

—ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ନଗର,
କଟକ, ଦୂରଭାଷ: ୯୪୩୭୧୦୩୧୨୫୩

# ଓଡ଼ିଆ ନବବର୍ଷରେ ପଣା ସରବତ ବଣ୍ଟନ କାର୍ଯ୍ୟକ୍ରମ




ବାଲେଶ୍ୱର (ପିଏନ୍)-ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ପବିତ୍ର ଓଡ଼ିଆ ନବବର୍ଷ ତଥା ଶ୍ରୀ ହନୁମାନ ଜୟନ୍ତୀ ପାଳନ ଅବସରରେ ବାଲେଶ୍ୱର ଫକୀରମୋହନ ଗୋଲେଇରେ ଓ ସହରର ବିଭିନ୍ନ ସ୍ଥାନରେ ବେଲପଣା ଓ ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଛି । ବାଲେଶ୍ୱର ଫକୀରମୋହନ ଗୋଲେଇ ଓଟି ରୋଡ ପାର୍ଶ୍ୱରେ ଅଖିଳ ଭାରତୀୟ ମହିଳା ସମିତି ଏଆଇଡବ୍ଲୁସି ଯୁବ ଶାଖା ଓ ବାଲେଶ୍ୱର ଜିଲ୍ଲା ନାରୀସଂଘର ମିଳିତ ସହଯୋଗରେ ସ୍ୱାଦିଷ୍ଟ ବେଲପଣା ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ବିଶଷ୍ଟ ସମାଜସେବୀ ତଥା ରେବତୀ ସାହିତ୍ୟ ପତ୍ରିକାର ସଂପାଦିକା ଶ୍ରୀମତି ସୁବାସିନୀ ଜେନା ଓ ନବନିର୍ବାଚିତ ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ, ଆୟୁଷ ଗୁପ୍ତା, ମେଘ୍ନା ମନସ୍ୱିନୀ ମହାପାତ୍ର, ଅରୁଦିପ୍ତା ସ୍ୱାଇଁ, ବିନାୟକ ପାଣିଗ୍ରାହୀ, ସୌମ୍ୟ ପ୍ରତିକ, ସୌମ୍ୟ ସାର୍ଥକ, ମନିସ ମହାପାତ୍ର, ଯୋଗେଶ ସାରଓଗୀ, ଆୟୁଷୀ ଜେନା ଓ ନାରୀସଂଘର ଅଧକ୍ଷା ଶ୍ରୀମତୀ ଗୋପାମୁଦ୍ରା ମହାପାତ୍ର, ଅପର୍ଣ୍ଣା ମହାପାତ୍ର, ପୁଷ୍ପଲତା ମହାନ୍ତି, ସୁନିତା ମହାନ୍ତି, କବି ପ୍ରଶାନ୍ତ ନାୟକ, ସମାଜସେବୀ ଭାଗବତ ସାହୁ, ସାମ୍ବାଦିକ ଅମିୟ ମହାନ୍ତିଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏହି ପଣା ବିତରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେହିପରି ବାଲେଶ୍ୱର ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ଛକସ୍ଥାନମାନଙ୍କରେ ପାନୀୟ ଜଳ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱରର ବିଭିନ୍ନ ଯାଗାରେ ପଣା ସଂକ୍ରାନ୍ତି, ହୋମ, ଯଜ୍ଞ ଓ ଯଥାବିଧି ସହକାରେ ଅନୁଷ୍ଠିତ ହୋଇଯାଇଛି ।

# ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ




ଖୋର୍ଦ୍ଧା (ପିଏନ୍)- ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ତ୍ରୟୋଦଶ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୀତାଭବନ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର କବି, ଲେଖକ ଯୋଗଦେଇଥିବା ବେଳେ ସାହିତ୍ୟ ଆଲୋଚନା, ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦ ଆଲୋଚନା, କବିତା ପାଠୋତ୍ସବ, ସମ୍ମାନ ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାଷାବିତ୍, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ପ୍ରମୁଖ ଉଦ୍ୟୋକ୍ତା ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷାର ବହୁଳ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟବକ୍ତା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଆମ ସାହିତ୍ୟରେ ନାଟ୍ୟ ପରମ୍ପରାର ବିଭିନ୍ନ ବିଭବ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦର ପଦ୍ୟ ଲାଳିତ୍ୟ ଉପରେ ଆଲୋକପାତ କରି ତା'ର ଭକ୍ତିଭାବର ନିଖୁଣ ଚିତ୍ର ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଛଉ ନୃତ୍ୟ ବିଶାରଦ ବିଜୟ କୁମାର ମହାନ୍ତି ଛଉନୃତ୍ୟ କିଭଳି ମୟୂରଭଂଜ ଓ ଷଢ଼େଇକଳାରେ ପ୍ରାଧାନ୍ୟ ବିସ୍ତାର କରି ସମଗ୍ର ଦେଶରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛି ତା'ର ଉଦାହରଣ ଦେଇଥିଲେ । ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉତ୍କଳ ନ୍ୟାସ ମଣ୍ଡଳର ପର୍ଶୁରାମ ଦ୍ୱିବେଦୀ ଓ ସୀତାବଲ୍ଲଭ ମହାପାତ୍ର ଓଡ଼ିଶା ସୀମାନ୍ତ ଗ୍ରାମମାନଙ୍କର ଗମନାଗମନ ଅସୁବିଧା ଦର୍ଶାଇବା ସହ ଓଡ଼ିଆ ଭାଷା ଆୟୋଗ ଗଠନ ହୋଇ ନଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ତଳ ଅଦାଲତମାନଙ୍କରେ ନ୍ୟାୟିକ ପ୍ରକ୍ରିୟା ଓଡ଼ିଆ ଭାଷାରେ କରାଯିବା ସହ ରାଜ୍ୟର ସୀମାନ୍ତ ଗ୍ରାମମାନଙ୍କର ଓଡ଼ିଆ ଭାଷାର ବିକାଶ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିବା ପାଇଁ ଦାବି କରିଥିଲେ ।




ସାହିତ୍ୟ ପରିଷଦ ପକ୍ଷରୁ ନୟାଗଡ଼ର ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କୁ ଶ୍ରୀ ଜୟଦେବ ସମ୍ମାନ, ପ୍ରଫେସର ଡ. ସଂଘମିତ୍ରା ମିଶ୍ରଙ୍କୁ ପଠାଣି ପଟ୍ଟନାୟକ ସମାଲୋଚନା ସାହିତ୍ୟ ସମ୍ମାନ, ବାଲେଶ୍ୱର କବି ପ୍ରଫେସର ଡ. ରସିକାନନ୍ଦ ମହାନ୍ତିଙ୍କୁ ବୃନ୍ଦାବତୀ ଦାସୀ ଆଧ୍ୟାତ୍ମିକ ସମ୍ମାନ, ବାଣପୁରର ଶିଶୁସାହିତ୍ୟିକ ରବୀନ୍ଦ୍ରନାଥ ପ୍ରଧାନଙ୍କୁ କବି ଡ଼ମ୍ବରୁଧର ପରିଡ଼ା ଶିଶୁ ସାହିତ୍ୟ ସମ୍ମାନ, ଶ୍ରୀମତୀ କାନନବାଳା ପଟ୍ଟନାୟକଙ୍କୁ କୁନ୍ତଳା କୁମାରୀ ଗୀତି କବିତା ସମ୍ମାନ ଓ ଡ. ସୁରେଶ ରାଉତଙ୍କୁ କବି ସଚ୍ଚି ରାଉତରାୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କବି ରବୀନ୍ଦ୍ରନାଥ ପ୍ରଧାନଙ୍କ ଦୁଇଟି ପୁସ୍ତକ "ଗାନ୍ଧୀ କଥା ଶତକ" ଓ "ପିଲାଙ୍କ ହିତ କଥାମାଳା" ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ସମ୍ପାଦିକା ଶ୍ରୀମତୀ ବିମଳା ସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । ପ୍ରଥମ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମ କବି ଗୋବିନ୍ଦ ଚନ୍ଦ୍ର ମହାରଣା, ବିକ୍ରମ କେଶରୀ ଚମ୍ପତି, ରଶ୍ମିତା ନାୟକ, ଡ଼.ବୃନ୍ଦାବନ ପଣ୍ଡା, ବିଳାସିନୀ ଦାଶ, ଡ. ରଜନୀ ରଣସିଂହ ଓ ଝୁମୁରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବୈକୁଣ୍ଠନାଥ ରାଜଗୁରୁ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଇତିଶ୍ରୀ ସାହୁ ଓ ପପୁ ବିଶ୍ୱାଳ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।

# ସାଧନା ଫାଉଣ୍ଡେସନର ଓଡ଼ିଆ ନବବର୍ଷ ପାଳନ




ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ସାଧନା ଫାଉଣ୍ଡେସନ ତରଫରୁ ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଆତିଥ୍ୟ ଭବନରେ ଏକ କବିତା ଆସର କାର୍ଯ୍ୟକ୍ରମ ହୋଇଥିଲା । ସଂଗଠନର ସାଧାରଣ ସଂପାଦିକା ସୁଜାତାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିମଳ ଜେନାଙ୍କ ସଭାପତିତ୍ୱରେ ମହାବିଷୁବ ମିଳନ ଏବଂ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ରୂପେ ସିଡିଏମଓ ଦୁଲାଲ ସେନ ଜଗ୍‌ଦେବ ଏବଂ ସମ୍ମାନିତ ଅତିଥି ରୂପେ ଡଃ ଶିରିଷ ଚନ୍ଦ୍ର ଜେନା, ଡ଼ଃ ସୁଧାଂଶୁ ଶେଖର ପଣ୍ଡା ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଆର୍ଯ୍ୟ ସମାଜର ସଦସ୍ୟା ଗୀତାରାଣୀ ବେଦପାଠ କରିଥିଲେ ଏବଂ ସହ ସଂପାଦିକା ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍ୱେତାଲିସା ଶୁଭଦର୍ଶିନୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଜୀବନ କୁମାର ମହାନ୍ତି ଓଡ଼ିଆ ନବବର୍ଷ ବିଷୟରେ ନିଜ ଅଭିଭାଷଣ ରଖିଥିଲେ । କୋଭିଡ଼୍ ମହାମାରୀ ସମୟରେ ସର୍ବାଧିକ ଭ୍ୟାକ୍ସିନେଟେଡ୍ କରି ସାହାସିକତାର ପରିଚୟ ଦେଇଥିବା ୨ ଜଣ ମହୀୟସୀ ମହିଳା ମଧୁସ୍ମିତା ଜେନା, ସମୁଦି ନାୟକଙ୍କୁ ବିଶିଷ୍ଟ ସମାଜସେବୀ ଭାବରେ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରଶ୍ମିରଞ୍ଜନ ଜେନା ଧନ୍ୟବାଦ ଦେଇଥିବା ବେଳେ ଜିଲ୍ଲା ଓ ଜିଲ୍ଲା ବାହାରୁ ଶତାଧିକ କବି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।




## କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ଚଳିତ ବର୍ଷ ଅନ୍‌ଲାଇନ୍‌ରେ ହେବ ଏସ୍.ଓ.ଏଫ୍ ଅଲମ୍ପିଆଡ୍ ପରିକ୍ଷା

ରାଉରକେଲା, ୨୨/୧୦: ଆନ୍ତର୍ଜାତିୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଲମ୍ପିଆଡ୍ ପରିକ୍ଷା କରାଉଥିବା 'ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍' ପକ୍ଷରୁ ଚଳିତ ଏକାଡେମିକ୍ ଇୟର ପାଇଁ ଅନ୍‌ଲାଇନ୍ ପରିକ୍ଷାର ଘୋଷଣା କରାଯାଇଛି, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଫାଉଣ୍ଡେସନ୍ ପକ୍ଷରୁ ଏହିପରି ପଦକ୍ଷପ ନିଆଯାଇଛି ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ନିଜ ଘରେ ବସି ପରିକ୍ଷା ଦେଇପାରିବେ। ବିଦ୍ୟାର୍ଥୀମାନଙ୍କ ଜ୍ଞାନକୌଷଳକୁ ଆନ୍ତର୍ଜାତିୟ, ଜାତିୟ ତଥା ରାଜ୍ୟସ୍ତରରେ ସମ୍ମାନୀତ କରିବା ପାଇଁ ଏସ୍.ଓ.ଏଫ୍ ସବୁବେଳେ ଚେଷ୍ଟାକରିଆସିଛି। ପ୍ରତିବର୍ଷ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ପରିକ୍ଷାରେ ଭାଗନେଇଥାନ୍ତି। ଗତବର୍ଷ କଟକରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୯,୦୦୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ଏସ୍.ଓ.ଏଫ୍ ପକ୍ଷରୁ ମାତ୍ର ୪ଟି ଅଲମ୍ପିଆଡ୍ ପରିକ୍ଷାର ଆୟୋଜନ କରାଯାଇଛି, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ସାଧାରଣଜ୍ଞାନ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଇଂରାଜୀ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ଏବଂ ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଗଣିତ ଅଲମ୍ପିଆଡ୍। ଏହି ପରିପେକ୍ଷିରେ ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାବିର୍ ସିଂ କହିଛନ୍ତି, "ଗତବର୍ଷ ଏହି ପରିକ୍ଷା ଅଫ୍‌ଲାଇନ୍ ହୋଇଥିଲା ଏବଂ ଏହି ପ୍ରତିଯୋଗିତାରେ ୩୨ଟି ଦେଶରୁ ପାଖାପାଖି ୫୬,୦୦୦ ବିଦ୍ୟାଳୟର ଲକ୍ଷାଧିକ ଛାତ୍ରଛାତ୍ରୀ ଭାଗନେଇଥଲେ କିନ୍ତୁ ଚଳିତ ବର୍ଷ ଆମେ ସମସ୍ତ ପରିକ୍ଷା ଅନ୍‌ଲାଇନ୍‌କରିବାର ଯୋଜନା କରିଛୁ। ପରିକ୍ଷାକୁ ସଠିକ୍ ଭାବରେ ପରିଚାଳିତ କରିବା ପାଇଁ ଆର୍ଟିଫିସିଆଲ୍ ଇଞ୍ଜିଲିଜେନ୍ସ, ରିମୋଟ୍ ପ୍ରୋକ୍ଟରିଂ, ଭିଡିଓ ରେକଡିଂ ତଥା ଅନ୍ୟାନ ସୁବିଧା କରାଯାଇଛି।"

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର, ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟରର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷ୍ମ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଋଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କୀରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷମ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍‌କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷମ୍ପ;ନ ଭିତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷମ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## କଳାବଜାରୀ ରୋକିବାକୁ ପଦକ୍ଷେପ ନିଆଯାଉଛି : ଖାଦ୍ୟ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,(ପି.ଏନ): ସମ୍ଭାବ୍ୟ ବାତ୍ୟାକୁ ଆଖି ଆଗରେ ରଖି ରାଜ୍ୟରେ କଳାବଜାରୀ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ସେ କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଖାଦ୍ୟ ସାମଗ୍ରୀ ହୋଡିଂ କରୁଥିବା ଲୋକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଥେଷ୍ଟ ଖାଦ୍ୟ ସାମଗ୍ରୀ ମହଜୁଦ ଅଛି। ତେଣୁ ଲୋକ ମାନେ ଭୟଭୀତ ହୁଅନ୍ତୁନି ବୋଲି ସେ କହିଛନ୍ତି।




# ମହାବୀର ଜୟନ୍ତୀ ଓ ଓଡ଼ିଆ ନବ ବର୍ଷ ଉତ୍ସବ ପାଳିତ



ଯାଜପୁର (ପିଏନ୍): ଗତ ମାସ ୧୪ ତାରିଖ ମହାବୀର ମଲ୍ଟି ଜିମ୍ନାସିୟମ, ବିରଜା କ୍ଷେତ୍ର ଚମ୍ପାମଡ଼ାଇ ପରିସରରେ ମହାବୀର ଜୟନ୍ତୀ, ଓଡ଼ିଆ ନବ ବର୍ଷ ଉତ୍ସବ ମୁଖ୍ୟ ପରିଚାଳକ ଗୁରୁ ନୀଳକଣ୍ଠ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଭମୟ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ପ୍ରଭୁ ହନୁମାନଙ୍କ ପୂଜାର୍ଚ୍ଚନା, ହୋମ, ଯଜ୍ଞ କାର୍ଯ୍ୟ ପଣ୍ଡିତ ପ୍ରଶାନ୍ତ ସନ୍ଧିବିଗ୍ରହ, ବାସୁଦେବ ମିଶ୍ର, କୃଷ୍ଣ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ସମାବେଶ ଓ ପୂଜାର୍ଚ୍ଚନା ସମଗ୍ର ପୀଠକୁ ଚଳଚଞ୍ଚଳ କରିଥିଲା। ଜିମ୍ ସଭାପତି ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର ଓ ଛାତ୍ରମାନେ କାର୍ଯ୍ୟକ୍ରମର ବିଭିନ୍ନ ଦିଗପ୍ରତି ଯତ୍ନବାନ କରିଥିଲେ। ସନ୍ଧ୍ୟାରେ ଜିମ୍ନାସିୟମ ପରିସର ଉତ୍ସବ ମୁଖର ହୋଇପଡ଼ିଥିଲା। ବିଜୁଳି ଆଲୋକ, ନାନା ଫୁଲର ସାଜସଜ୍ଜା ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସଂଗୀତ ସୁରଭି ପକ୍ଷରୁ ଭଜନ କାର୍ଯ୍ୟକ୍ରମର ତାଳେ ତାଳେ ନିଆରା ଢଙ୍ଗରେ ବିଶେଷ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ଯଜ୍ଞପ୍ରଭା ପୁସ୍ତକର ସମ୍ପାଦକ ବିଦ୍ୱାନ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଗୀତା ଜାଗରଣ ପରିଷଦର ସଭାପତି ପ୍ରତିମା କର ଯୋଗଦେଇ ବର୍ଷିୟାନ ଡାକ୍ତର ନନ୍ଦକିଶୋର ମହାନ୍ତି, ସ୍ୱର୍ଗତ ସାମ୍ବାଦିକ ପ୍ରଭାତ କୁମାର ରାଉତ ରାୟ, ଶିଳ୍ପୀ ନିରଞ୍ଜନ ନାୟକଙ୍କୁ "ମହାବୀର ସେବା ଶ୍ରୀ" ସମ୍ମାନରେ ସମ୍ମାନିତ କରି ଅତିଥିବୃନ୍ଦ ପବିତ୍ର କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ୍ କରିଥିଲେ। ଏହି ଅବସରରେ ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ମା'ବିରଜାଙ୍କ ଉପରେ ଆଧାରିତ ଆଧ୍ୟାତ୍ମିକ ପତ୍ରିକା "ମୁକ୍ତି" ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାପତି ଓ ଔପନ୍ୟାସିକ ନଟବର ଦାସ ଓ ସମ୍ପାଦକ ଶିକ୍ଷକ ପ୍ରଶାନ୍ତ କୁମାର ରାଉତରାୟ ପ୍ରତ୍ରିକା ଉନ୍ମୋଚନ ସପକ୍ଷରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବା◻ା ସମ୍ପାଦକ ମିନକେତନ ସାହୁ କାର୍ଯ୍ୟକ୍ରମକୁ ସଂଚାଳନ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଏ ବର୍ଷ ଶହଶ୍ରାଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରସାଦ ସେବନ କରି ପ୍ରଭୁ ଶ୍ରୀ ହନୁମାନଙ୍କ କୃପା ଲାଭ କରିଥିଲେ। ଶାନ୍ତିଶୃଙ୍ଖଳା, ଆନନ୍ଦ ଉଲ୍ଲାସ ମଧ୍ୟରେ ଉତ୍ସବ ପାଳିତ ହୋଇଥିବାରୁ ମହାବିର ମଲ୍ଟି ଜିମ୍ନସିୟମର ଗୁରୁ ଶ୍ରୀଯୁକ୍ତ ମିଶ୍ର ଓ ଛାତ୍ରମାନେ ସମସ୍ତଙ୍କୁ ବଧାଇ ଜଣାଇଛନ୍ତି।

# କଂଚାଲଙ୍କାରେ ପପୁଙ୍କ ନୂଆ ୱେବ ସିରିଜ "ଟାଉଟର ପ୍ରୋ"



ଖୋର୍ଦ୍ଧା (ପିଏନ୍)- ଅପ୍ରେଲ ୧୫ ଠାରୁ କଂଚାଲଙ୍କା ଓ.ଟି.ଟି ପ୍ଲାଟଫର୍ମରେ ଷ୍ଟ୍ରିମିଙ୍ଗ ହେଉଛି ନୂଆ ୱେବ ସିରିଜ 'ଟାଉଟର ପ୍ରୋ' ପମ୍ ପମ୍ ସିରିଜର ଏହା ହେଉଛି ପ୍ରଥମ ଏପିସୋଡ଼ କମେଡ଼ି କିଙ୍ଗ ପପୁ ପମ୍‌ପମ୍ ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ପୂର୍ବରୁ ପପୁଙ୍କ ଅଭିନିତ ହ୍ୟାଲୋ ରାବଣକୁ କଂଚା ଲଙ୍କା ପ୍ଲାଟଫର୍ମରେ ଜବରଦସ୍ତ ରେସପନ୍ସ ମିଳିଥିଲା ତେବେ ପମ୍ ପମ୍ ସିରିଜର ନୂଆ ନୂଆ ଏପିସୋଡ଼ ମାସକୁ ଥରେ ଦର୍ଶକ ଦେଖିବାକୁ ପାଇବେ ବୋଲି ଜଣାପଡ଼ିଛି। ସମାଜରେ ଘଟୁଥିବା କିଛି ନିଛକ ସତକଥାକୁ ନେଇ ଟାଉଟରପ୍ରୋ ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ଆବାସ ଚୋରିରୁ ଆରମ୍ଭ ହୋଇଛି କାହାଣୀ। ଅବନୀ ଷଡ଼ଙ୍ଗୀ ନାମକ ଜଣେ ବ୍ୟକ୍ତି ଏ ନେଇ ଥାନାରେ ଏଫ୍.ଆଇ.ଆର ଦେଉଛନ୍ତି ଓ ପୁଲିସ ତଦନ୍ତ କରିବାକୁ ଅଭିଯୋଗକାରୀ ଗୁହାରି କରିଛନ୍ତି। ଆବାସ ଯୋଜନାରେ ମିଳିଥିବା ଘରଟି ତିଆରି ସରିଥିବା ଅଭିଯୋଗକାରୀ ପ୍ରମାଣିତ କରିବା ପରେ ସମ୍ପୃକ୍ତ ସ୍ଥାନରୁ ଘରଟି ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ତେବେ ପୁଲିସ ତଦନ୍ତ ବେଳେ କଣ ସବୁ ପ୍ରମାଣ ପାଉଛି ଓ ଏହି ମାମଲାର ବିଚାର କିଭଳି ହେଉଛି ତାହାକୁ ନେଇ କାହାଣୀଟି ଆଗକୁ ବଢ଼ିଛି। ଏହି ୱେବସିରିଜ ଅପ୍ରେଲ ୧୫ ଠାରୁ ଷ୍ଟ୍ରିମିଂ ଆରମ୍ଭ ହୋଇଥିବା ବେଳେ ଏଥିରେ ପପୁ ପମ୍‌ପମ୍ ସହ ଅରବିନ୍ଦ ଷଡଙ୍ଗୀ, ଜୀବନ ପଣ୍ଡା, ଟୁକୁନା ଷ୍ଟାଇଲିସ୍ ପ୍ରମୁଖ ନଜର ଆସିଛନ୍ତି। ପପୁ ପମ୍ ପମ୍ କ୍ରିଏସନ୍ସ ବ୍ୟାନରେ ନିର୍ମିତ ଟାଉଟର ପ୍ରୋରେ ରମେଶ ରାଉତ, ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ସଂଗୀତା ଶତପଥୀ। କାହାଣୀ ନିଜେ ପପୁ ଲେଖିଥିବା ବେଳେ ଚିତ୍ର ନାଟ୍ୟ ମଧ୍ୟ ଦେଖିଛନ୍ତି। ରୂପ ସାଗର ଏହାର ଡ଼ାଇଲକ ଦେବା ସହ ଭାଗ୍ୟଧର ପାଣି କଂଚାଲଙ୍କା କ୍ରିଏଟିଭ୍ ହେଡ଼ ଅଛନ୍ତି। ଏହି ୱେବ ସିରିଜରେ ଦର୍ଶକ ଭରପୁର କମେଡ଼ି ପାଇବେ ବୋଲି କଂଚାଲଙ୍କା ଓଟିଟି ପ୍ଲାଟଫର୍ମ ଆଶା ପ୍ରକଟ କରିଛି।

## ଆହ୍ୱାନ ପକ୍ଷରୁ ଅକ୍ଷୟ ତୃତୀୟା ଓ ଇଦ୍ ପର୍ବ ପାଳିତ



ଯାଜପୁର (ପିଏନ୍)- ଯାଜପୁରର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ସଂସ୍ଥା 'ଆହ୍ୱାନ' ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଓ ଇଦ୍ ପର୍ବ ଗୋଖନା ଛକସ୍ଥିତ କାର୍ଯ୍ୟାଳୟଠାରେ ମୁଖ୍ୟ ଉପଦେଷ୍ଟା ହୃଷିକେଶ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତହୋଇଯାଇଛି। ଆହ୍ୱାନ ପକ୍ଷରୁ ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଜଳଛତ୍ରର ଉଦ୍‌ଯାପନୀ ସନ୍ଧ୍ୟାରେ ବେଲପଣା ଦେଇ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା । ପବିତ୍ର ରମଜାନ୍ ମାସ ଶେଷରେ ଇଦ୍ ପର୍ବ ପାଳନ ଅବସରରେ ମୁସଲମାନ ଭାଇମାନଙ୍କ ସହିତ ଇଦ୍ ପାଳନ କରାଯାଇ ଭାଇଚାରା ସମ୍ପର୍କକୁ ଆହୁରି ନିବିଡ଼ କରାଯାଇଥିଲା । ସମସ୍ତେ ପରସ୍ପରକୁ ମିଠା ଓ ଫଳ ଖୁଆଇ ଇଦ୍ ମନାଇଥିଲେ। ଏହି ଉତ୍ସବରେ 'ଆହ୍ୱାନ'ର ସମ୍ପାଦକ ବିଶ୍ୱଜିତ ସାହୁ, ଦିଲ୍ଲୀପ କୁମାର ନନ୍ଦ, ଗୋପାଳ ଚନ୍ଦ୍ର ସାହୁ, ସେକ୍ ସରାଫତ୍, ସେକ୍ ବୁଧୋ, ସୌମ୍ୟଜିତ ସାହୁ, ଶୁଭ୍ରଜିତ ସାହୁ, ମଞ୍ଜୁ ଶାହା, ଜୟଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସହ-ସମ୍ପାଦକ ଅକ୍ଷୟ ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜୟଦେବ ସଙ୍ଗୀତ ପରିବେଷଣ



ଯାଜପୁର (ପିଏନ୍)- ପବିତ୍ର ବୈତରଣୀ ତଟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଯାଜପୁର ଜିଲ୍ଲା କଳାକାର ସଂଘ ଆନୁକୂଲ୍ୟରେ ଭକ୍ତି କୈବଲ୍ୟ ସଙ୍ଗୀତ ପରିଷଦ ପକ୍ଷରୁ ଅଧ୍ୟାପକ କୈଳାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଶ୍ରୀଜୟଦେବ ଜୟନ୍ତୀ ଓ ଅକ୍ଷୟ ତୃତୀୟା ପାଳନ କରାଯାଇଥିଲା । ଶ୍ରୀଜଗନ୍ନାଥ ଚତୁର୍ଦ୍ଧାମୂ◻ଙ୍କ ସମ୍ମୁଖରେ ଶ୍ରୀଜୟଦେବଙ୍କ ରଚିତ ସଙ୍ଗୀତ ଗାନ କରାଯାଇଥିଲା । ଏହି ସଙ୍ଗୀତ ଆସରରେ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୁରୋଧା ପଣ୍ଡିତ ହୃଷିକେଶ ପତି, ସଙ୍ଗୀତଜ୍ଞ ମୋହନ ଚରଣ ସାହୁ, ବିଶିଷ୍ଟ ତବଲା ବାଦକ ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସଙ୍ଗୀତ ଗାନ କରିଥିଲେ । ସର୍ବଶ୍ରୀ ବୃନ୍ଦାବନ ମିଶ୍ର, ପ୍ରଦୀପ କୁମାର ସାହୁ, ସନାତନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ମାତା ଈଶ୍ୱରାମ୍ମା



ଭଗବାନ ସତ୍ୟସାଇ ବାବାଙ୍କର ମାତା ୧୯୭୨ ମସିହା ମଇ ମାସ ୬ ତାରିଖ ଦିନ ଦେହତ୍ୟାଗ କରିଥିଲେ। ସତ୍ୟସାଇ ସଙ୍ଗଠନର ସଦସ୍ୟମାନେ ସେହି ଦିନଟିକୁ ଈଶ୍ୱରାମ୍ମା ଦିବସ ଭାବେ ପାଳନ କରିଥାନ୍ତି। ମଇ ମାସ ୧୯୭୭ ଠାରୁ ଏହା ବାଳବିକାଶ ଦିବସ ଭାବେ ପାଳନ କରାଯାଉଛି। ଈଶ୍ୱରାମ୍ମାଙ୍କ ପିତା ମିଶ୍ରପଣ୍ଡ ବଂଶର ଦାୟାଦ ଥିଲେ। କର୍ଣ୍ଣୁଲ ଜିଲ୍ଲାର କୋଲିମିକୁଣ୍ଟାଲ ତାଲୁକରେ ସେ ଏକ ଶିବ ମନ୍ଦିର ନିର୍ମାଣ କରୁଥିବା ସମୟରେ ଏକ କନ୍ୟା ସନ୍ତାନ ଲାଭ କରିଥିଲେ ଓ ତାର ନାମ ରଖିଥିଲେ ନାମଗିରି। ପରବର୍ତ୍ତୀ ସମୟରେ ଡକାୟତ ମାନଙ୍କ ଭୟରୁ ନିସ୍ତାର ପାଇବା ପାଇଁ ଓ ଭଗବାନ ସତ୍ୟସାଇଙ୍କର ଜେଜେ ବାପା କୋଣ୍ଡମାରାଜୁଙ୍କ ଅନୁରୋଧ କ୍ରମେ ସେ ନିଜର ଗ୍ରାମ ପରିବର୍ତ୍ତନ କରି କର୍ଣ୍ଣାଟନାଗପଲ୍ଲୀରେ ବସବାସ କରିଥିଲେ। ବିଧିର ବିଧାନ ଅନୁଯାୟୀ କୋଣ୍ଡମାରାଜୁଙ୍କ ପୁତ୍ର ପେଦାୱାଙ୍କ ମା ରାଜୁଙ୍କୁ ନାମଗିରି ବିବାହ କରିଥିଲେ କିନ୍ତୁ ଶାଶୁଘରେ ତାଙ୍କର ନାମ ପରିବର୍ତ୍ତନ କରାଯାଇ ଈଶ୍ୱରାମ୍ମା ରଖାଯାଇଥିଲା। ନଭେମ୍ବର ମାସ ୨୩ ତାରିଖ ୧୯୭୪ ମସିହାରେ ଭଗବାନ ସତ୍ୟସାଇ ବାବା ଈଶ୍ୱରାମ୍ମାଙ୍କର ଅଷ୍ଟମ ଗର୍ଭର ସନ୍ତାନ ଭାବେ ଜନ୍ମଗ୍ରହଣ କରିଥିଲେ। ସେ ଦିନଟି ଥିଲା କାର୍ତ୍ତିକ ସୋମବାର ଓ ହିନ୍ଦୁମାନେ ଏହାକୁ ଶିବଙ୍କର ପ୍ରିୟଦିନ ବୋଲି ଭାବନ୍ତି। ଭଗବାନ ସତ୍ୟସାଇ ବାବା କୁହନ୍ତି ମୋର ମାତାଙ୍କୁ ମୁଁ ବାଛିଥିଲି। ମୋର ଜନ୍ମ ପ୍ରସବ ନୁହେଁ ବରଂ ପ୍ରବେଶ। ଈଶ୍ୱରାମ୍ମା ମଧ୍ୟ କହିଛନ୍ତି ଦିନେ କୂଅରୁ ପାଣି କାଢୁଥିବା ସମୟରେ ଏକ ଉଜ୍ଜ୍ୱଳ ଆଲୋକ ତାଙ୍କ ଗର୍ଭରେ ପ୍ରବେଶ କରିଥିଲା ଓ ସେ ଅନ୍ତଃସତ୍ତ୍ୱା ହୋଇଥିଲେ ଓ ବାବାଙ୍କୁ ଜନ୍ମ ଦେଇଥିଲେ। ସେ ଭଗବାନ ସତ୍ୟସାଇ ବାବାଙ୍କ ଲୋକମାନଙ୍କ ପାଇଁ ଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ତିନୋଟି ପ୍ରାର୍ଥନା କରିଥିଲେ। ଈଶ୍ୱରାମ୍ମାଙ୍କର ଏହି ମହତ ତିନଟି ଇଛାକୁ ଭଗବାନ ସତ୍ୟସାଇ



ପୂରଣ କରିଥିଲେ। ଈଶ୍ୱରାମ୍ମା ଜଣେ ସରଳ, ନିଷ୍କପଟ, ଗାଉଁଲି ସ୍ତ୍ରୀ ଲୋକ ଥିଲେ। ସେ ମୃତ୍ୟୁ ପୂର୍ବରୁ ଶ୍ରୀରାମ ଚନ୍ଦ୍ରଙ୍କର ରୂପ ଦର୍ଶନ ଭଗବାନ ସତ୍ୟସାଇ ବାବାଙ୍କର ଅଶେଷ କୃପାରୁ ଲାଭ କରିପାରିଥିଲେ। ସତ୍ୟସାଇ ସେବା ସଙ୍ଗଠନ ଦ୍ୱାରା ଆୟୋଜିତ ଗ୍ରୀଷ୍ମଶିକ୍ଷା ଶିବିରରେ ଅନ୍ୟାନ ମହିଳାମାନଙ୍କ ସହିତ ନିଜକୁ ମିଶାଇ ଭକ୍ତମାନଙ୍କର ସେବା କରୁଥିଲେ। ସେ ଭଗବାନଙ୍କର ମା' ଭାବେ ଅଲଗା ପରିଚୟ ଦେବାକୁ ଚାହୁଁ ନଥିଲେ ମଧ୍ୟ ଭଗବାନଙ୍କର ମାତା ହିସାବରେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ। ଗ୍ରୀଷ୍ମ ଶିକ୍ଷା ଶିବିରରେ ଭାରତୀୟ ଶିକ୍ଷା ଓ ସଂସ୍କୃତି ଉପରେ ଆଲୋକପାତ କରାଯାଇ ଥାଏ। ଭାରତର ବିଭିନ୍ନ ପ୍ରାନ୍ତରରୁ ବଛା ବଛା ପ୍ରଶିକ୍ଷକ ଓ ଶିକ୍ଷାର୍ଥୀ ଏଥିରେ ଯୋଗ ଦେଇଥାନ୍ତି। ଗ୍ରୀଷ୍ମ ଶିକ୍ଷା ଶିବିରଗୁଡ଼ିକରେ କଠୋର ଶୃଙ୍ଖଳା ପାଳନ କରାଯାଇଥାଏ। ଏହିପରି ଏକ ଗ୍ରୀଷ୍ମ ଶିବିରକୁ ପରିଚାଳନା କରିବାର ଦାୟିତ୍ୱ ଡକ୍ଟର ବିନାୟକ କୃଷ୍ଣ ଗୋକକଙ୍କୁ ଦେଇଥିଲେ। ଗୋକକ୍ ଦେଖିଲେ ଗୋଟିଏ ପିଲା ଶୀଘ୍ର ଶୀଘ୍ର ଖାଇ ଦେଇ ଖାଇବା ମଝିରୁ ଅନ୍ୟ କାହାର ଅନୁମତି ନ ନେଇ ବାହାରକୁ ଚାଲିଯାଉଛି। ବିନାୟକଙ୍କ ମତରେ ଏହାଥିଲା ଏକ ବିଶୃଙ୍ଖଳିତ ଆଚରଣ। ତେଣୁ ସେ ପିଲାଟିକୁ ଡାକି କହିଥିଲେ 'ତୁମେ ଆଉ ଗ୍ରୀଷ୍ମ ଶିବିରରେ ଯୋଗ ଦେବାର ଆବଶ୍ୟକତା ନାହିଁ, ଖାଇବା ସମୟରେ ତୁମର ଆଚରଣ ଖୁବ ବିଶୃଙ୍ଖଳ ଓ ତୁମେ ତୁମ ଘରକୁ ଯାଇପାର।' ଏପରି ଦୃଢ଼ ଶୃଙ୍ଖଳା ବିଷୟରେ ପିଲାଟିର ଜ୍ଞାନ ନଥିଲା ସେ କାନ୍ଦୁ କାନ୍ଦୁ ଦେଖିଲା ମାତା ଈଶ୍ୱରାମ୍ମା ବସିଛନ୍ତି ଓ ତାଙ୍କ ନିକଟରେ ନିଜର ଦୁଃଖ ଜଣାଇଲା। ମାତା ଈଶ୍ୱରାମ୍ମା ଜଣେ ସାଧାରଣ ମହିଳା ପ୍ରତୀୟମାନ ହେଉଥିଲେ ମଧ୍ୟ ସେ ଥିଲେ ଅର୍ଣ୍ଣପୂର୍ଣ୍ଣା, ଭବାନୀ ଦୁର୍ଗା, ଜଗଦମ୍ବୀ, ଲଳିତା ମିନାକ୍ଷୀ ଓ ସରସ୍ୱତୀ। ପିଲା ପାଇଁ କଣ ସର୍ବୋତ୍ତମ ସେ ତାଙ୍କର ଜ୍ଞାନ ଦ୍ୱାରା ବୁଝିପାରୁଥିଲେ ଓ ସେ ଦିନ ତାଙ୍କର କାମନାକୁ ନିଜର ମଧୁର ବାଣୀ ଓ କର୍ମ ଦ୍ୱାରା ସମାଧାନ କରିଥିଲେ। ତାଙ୍କର ଭଗବାନଙ୍କ ଉପରେ ଅସୀମ ବିଶ୍ୱାସ ଦୃଢ଼ତା ଓ ଆସ୍ଥା ଥାଏ। ସେ ପିଲାଟିକୁ କହିଲେ ମୁଁ ଗୋକକ୍‌କୁ କହି ତତେ କ୍ଷମା ଦେବା ପାଇଁ କହିବି ଓ ଚେଷ୍ଟା କରିବି। କାରଣ ପ୍ରକୃତରେ ସେ ଜଣେ ମା'ଥିଲେ ଓ ତାଙ୍କର ହୃଦୟ ପ୍ରେମମୟ ଥିଲା। ଗୋକକ କକ୍ଷରୁ ବାହାରି ଯେତେବେଳେ ମାତା ଈଶ୍ୱରାମ୍ମାଙ୍କୁ ଦେଖିଲେ ସେତେବେଳେ ସେ ତାଙ୍କୁ ପ୍ରଣାମ କଲେ ଓ ମାତା ତାଙ୍କୁ ପ୍ରତି ନମସ୍କାର ଜଣାଇଲେ। ଗୋକକ କହିଲେ ମା ମୋ ନିକଟରେ କ'ଣ କିଛି କାମ ଅଛି। ଈଶ୍ୱରାମ୍ମା କହିଲେ ହଁ। କହିଲେ ତୁମେ ମତେ ନମସ୍କାର କରିବାରୁ ମୁଁ ତୁମକୁ ତାର ପ୍ରତିନମସ୍କାର ଜଣାଇଲି। କିନ୍ତୁ ତୁମେ ଯେତେବେଳେ ଅନ୍ୟ ମାନଙ୍କୁ ଦଣ୍ଡ ଦେଲ ତୁମେ ମଧ୍ୟ ଦଣ୍ଡ ପାଇବା ପାଇଁ ପ୍ରସ୍ତୁତ ରହିବା ଦରକାର। ସେ ଗୋକକଙ୍କୁ ଅତ୍ୟନ୍ତ ମଧୁର ଓ ବିନୟ ସ୍ୱରରେ କହିଲେ ଏ ପିଲାଟିର କ୍ଷମା ମାର୍ଜନା କରି ଓ ପୁନଶ୍ଚ ଗ୍ରୀଷ୍ମ ଶିକ୍ଷା ଶିବିରରେ ଯୋଗ ଦେବାର ଅନୁମତି ଦିଅ। ଗୋକକ୍ କହିଲେ ଏହା ଅନ୍ୟମାନଙ୍କ ପାଇଁ ବିଶୃଙ୍ଖଳା ଆଚରଣକୁ ପ୍ରୋତ୍ସାହିତ କରିବ ହେଲେ ମା'ଙ୍କ ପ୍ରେମମୟ କଥାକୁ ସେ କାଟି ପାରି ନଥିଲେ। ତେଣୁ ସେ ପିଲାଟିକୁ ପୁନଶ୍ଚ ଶ୍ରେଣୀରେ ଯୋଗ ଦେବା ପାଇଁ ଅନୁମତି ଦେଲେ। ମାତା ଈଶ୍ୱରାମ୍ମା ଆମ ମଧ୍ୟରେ ନାହାଁନ୍ତି ସତ ହେଲେ ତାଙ୍କ ପରି ମା'ର ହୃଦୟ ଅନନ୍ୟ। ସେ ଭଗବାନଙ୍କ ନିକଟରେ ଲୀନ ହୋଇ ଯାଇଛନ୍ତି କିନ୍ତୁ ସେ ଏକ ସ୍ନେହମୟୀ ମା'ଭାବେ ପ୍ରତ୍ୟେକ ଭକ୍ତଙ୍କ ମନରେ ଛାପ ଛାଡ଼ି ଯାଇଛନ୍ତି। ଭଗବାନଙ୍କୁ ଜନ୍ମ ଦେଇ ସେ ସାଇଭକ୍ତଙ୍କ ନିକଟରେ ଦୁର୍ଲ୍ଲଭ ହୋଇଯାଇଛନ୍ତି ତେଣୁ ସେ ସଦା ସ୍ମରଣୀୟ ହୋଇ ରହିବେ।

**ଅନୀତା ପଟ୍ଟନାୟକ**
*ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୭୬*

# ନବୀନ ସମ୍ବାଦପତ୍ରର ଇତିହାସ ଖୁବ୍ ପ୍ରେରଣାଦାୟକ

ବ୍ରହ୍ମପୁର (ପିଏନ୍): ସାପ୍ତାହିକ ସମ୍ବାଦପତ୍ର 'ନବୀନ'ର ଇତିହାସ ଖୁବ୍ ପ୍ରେରଣାଦାୟକ। ଓଡ଼ିଆ। ଭାଷା-ସାହିତ୍ୟର ପ୍ରଚାର ପ୍ରସାର ଦିଗରେ 'ନବୀନ'ର ଭୂମିକା ଅବିସ୍ମରଣୀୟ ବୋଲି ବିଶିଷ୍ଟ ସମାଜସେବୀ ତଥା ଭେଷଜବିତ ଡ଼ା. ପି.ସି. ସାହୁ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ନବୀନ ଭବନ ପରିସରରେ ଆୟୋଜିତ ନବୀନର ୨୪ତମ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଡ଼ା. ସାହୁ କହିଲେ ଯେ ଦକ୍ଷିଣ ଓଡ଼ିଶାରେ ନବୀନର ବିଷୁବ ମିଳନ ପରମ୍ପରା ଖୁବ୍ ନିଆରା ଏବଂ ୧୯୯୯ ମସିହାରୁ ଏହି କାଯର୍‌ୟକ୍ରମ ଧାରାବାହିକ ଭାବେ ଆୟୋଜନ କରାଯାଇ ଆସୁଥିବାରୁ ସାହିତ୍ୟିକମାନଙ୍କୁ ଏହା ଉତ୍ସାହିତ କରିପାରୁଛି। ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ। କାବ୍ୟ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହ ନବୀନ ବହୁ କବି ଲେଖକଙ୍କୁ ସୃଷ୍ଟି କରିପାରିଛି ବୋଲି କହିଥିଲେ। ନବୀନର ସଭାପତି ଶ୍ରୀ ରଥ କହିଥିଲେ ଯେ ନୂତନ କବି, ସାହିତ୍ୟିକମାନଙ୍କୁ ନବୀନ ସବୁ ସମୟରେ ଉତ୍ସାହିତ କରିବାର ପ୍ରୟାସ ଜାରି ରଖିଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସାମ୍ୟବାଦୀ କବି ଶୋଭାଚନ୍ଦ୍ର ଷଡ଼ଙ୍ଗୀ, ମଞ୍ଚ ଉପସ୍ଥାପିକା ବନ୍ଦନା ମିଶ୍ର ଓ ଯୁବକବି କ୍ଷୀରୋଦ କୁମାର ସେଠୀଙ୍କୁ ମୁଖ୍ୟଅତିଥି ପ୍ରଫେସର ସାହୁ ନବୀନ ବିଷୁବ ସମ୍ମାନ-୨୦୨୨ରେ ସମ୍ମାନିତ କରିଥିଲେ। ସ୍ୱାଗତ ସମିତି ଅଧ୍ୟକ୍ଷ ପ୍ରଫେସର ଡ଼ମ୍ବରୁଧର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଥମ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାହିତ୍ୟିକ କୃଷ୍ଣଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ପ୍ରମୋଦ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଚିନ୍ମୟ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ବହୁ କବି କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାଯର୍‌ୟକ୍ରମ ପରିଚାଳନାରେ ନବୀନର ପ୍ରକାଶିକା ମଞ୍ଜୁ ରଥ, ବନ୍ଦନା ମହାପାତ୍ର, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଇଂ. ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବି. ସତ୍ୟମ୍ ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ କବି ଓ କବୟିତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଧର୍ମଶାଳା ସମ୍ବାଦ ସାହିତ୍ୟ ଘରର ବିଷୁବ ମିଳନ




ଧର୍ମଶାଳା (ପିଏନ୍): ସମ୍ବାଦ ସାହିତ୍ୟ ଘର, ଧର୍ମଶାଳା ଶାଖା ପକ୍ଷରୁ ଜାରକାସ୍ଥିତ ଧର୍ମଶାଳା ପ୍ରେସ୍ କ୍ଲବ୍‌ରେ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ଘର ସଭାପତି ପ୍ରାବନ୍ଧିକ ମନୋରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, କବି ଡ. ଗୌତମ ଜେନା, ସ୍ତମ୍ଭକାର ଡ. ପୁରୁଷୋତମ ବିଶ୍ୱାଳ, ସାହିତ୍ୟ ଘର ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ଉପସଭାପତି କାହ୍ନୁଚରଣ ଦାଶ ଯୋଗ ଦେଇ କହିଥିଲେ, ସମାଜ ଯଦି କ୍ଷୀର ହୁଏ ସଂସ୍କୃତି ହେଉଛି ଘିଅ । ଓଡ଼ିଆ ପର୍ବପର୍ବାଣୀ କେତେବେଳେ ଯାଉଛି ଜଣାପଡୁନି, ହେଲେ ଭାଲେ◻ାଇନ୍‌ଡେ ଠିକ୍ ମନେପଡୁଛି । ଜଳବାୟୁ ପରିବର୍ତନ ଏକ ଆହ୍ୱାନ ସୃଷ୍ଟି କରିଛି । ସାହିତ୍ୟ ହିଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିପାରିବ । ଅସଲ ମୁକ୍ତିର ସ୍ୱାଦ ଆମେ ଚାଖିନାହାଁନ୍ତି ବୋଲି ସାହିତ୍ୟିକମାନେ ମତବ୍ୟକ୍ତ କରିଥିଲେ । ସାହିତ୍ୟିକ ଡ. ମହେଶ୍ୱର ଜେନାସାମନ୍ତ, ଧ୍ରୁବ ଚରଣ ବିଶ୍ୱାଳ, ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଆଦିକନ୍ଦ ସ୍ୱାଇଁ ଓ ଯୁଗଳ କିଶୋର ନାୟକ, ବ୍ୟଙ୍ଗ ଗାଳ୍ପିକ ସୁନାକର ସାହୁ, ପଣ୍ଡିତ ବ୍ରଜକିଶୋର ଶତପଥୀ, କବି ସବିତା ମିଶ୍ର, ସମାଜସେବୀ ଦୁର୍ଗାପ୍ରସନ୍ନ ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ରାଧାଶ୍ୟାମ ସାହୁ, କୃଷକନେତା ବସନ୍ତ କୁମାର ପରିଡ଼ା, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଓ କବି ସଂଗ୍ରାମ କେଶରୀ ଜେନା ବିଷୁବ ମିଳନ ସଂପର୍କରେ ଆଲୋଚନା କରିଥିଲେ । ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ, ସାମ୍ବାଦିକ ବିକ୍ରମ କେଶରୀ ମହାନ୍ତି, ଅବିନେଶ୍ୱର ଶତପଥୀ, ସୂର୍ଯ୍ୟାସ୍ତ ସଂପାଦକ ବିବେକାନନ୍ଦ ରାୟ, କବି ସୁବାସ ଚନ୍ଦ୍ର ସାହୁ, ଯୁବନେତା ଉଗ୍ରସେନ ମହାନ୍ତି ଓ ସାହିତ୍ୟ ଘର ସହସଂପାଦକ ଦେବବ୍ରତ ରାଉତ ଯୋଗ ଦେଇଥିଲେ । ସମ୍ବଦ ସଂପାଦକ ଅଖିଳ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମ୍ବାଦ ପ୍ରତିନିଧି ସୀତାକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।

## ବଡ଼ଚଣା ବ୍ଲକ୍ କଂଗ୍ରେସ ସଭାପତିଙ୍କ ଦ୍ୱାରା ପୋଲ ଉଦ୍‌ଘାଟନ



ଚଣ୍ଡିଖୋଲ (ପି.ଏନ)-ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ପଂଚାୟତ ନିଶିମଳା ଗ୍ରାମରେ ଏକ ନୂତନ ପୋଲ ବଡ଼ଚଣା ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଜେନାଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। ଏହି ପୋଲଟି ନିର୍ମାଣ ପାଇଁ ଗ୍ରାମବାସୀ ମାନେ ବହୁଦିନ ଧରି ଚେଷ୍ଟା ଚଳାଇ ଆସୁଥିଲେ। ଯାହାକି କି ଆଜି ପୂରଣ ହୋଇଛି। ଉକ୍ତ ପୋଲଟି ତାରିଣୀ ମନ୍ଦିରଠାରୁ ତାରିଣୀ ଉଦ୍ୟାନ ଓ ପୋଖରୀକୁ ସଂଯୋଗ କରୁଅଛି। ଗ୍ରାମବାସୀଙ୍କ ନିଜସ୍ୱ ପାଣ୍ଠିରେ ନିର୍ମିତ ଏହି ପୋଲଟି ମନ୍ଦିର ଓ ଉଦ୍ୟାନ ମଧ୍ୟରେ ଥିବା ଦୂରତାକୁ କମାଇ ଦେଇଛି। ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଜେନା ଯୋଗ ଦେଇଥିବା ବେଳେ ଗ୍ରାମର ମୁରବୀ ଶରତ ଚନ୍ଦ୍ର ଜେନା, ଇନ୍ଦ୍ରମଣୀ ଜେନା, ଅମୂଲ୍ୟ ଜେନା, ଅର୍ଜୁନି ଜେନା, ପ୍ରଫୁଲ୍ଲ ଜେନା, ରବିନ୍ଦ୍ର ଜେନା, ପ୍ରମୋଦ ଜେନା, ଅଟଳ କୁମାର ଜେନା, ସୂର୍ଯ୍ୟମଣୀ ଖିଲାର, ପ୍ରଦୀପ୍ତ କୁମାର ଜେନା, ବସନ୍ତ ଜେନା, ସୁନିଲ ଜେନା ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ତତ୍ ସଂଗେସଂଗେ ତାରିଣୀ କମିଟିର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

## ସାମାଜିକ ଯୁବ ସଂଗଠନ ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ

ଭୁବନେଶ୍ୱର (ପିଏନ୍) : ଖରା ଗରମ, ଯେଉଁଆଡ଼େ ଗଲେ ବି କେବଳ ଖରା ଆଉ ଖରା। ବିଶେଷ କରି ରାଜଧାନୀରେ ପ୍ରବଳ ଖରା ଓ ଗରମ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରି ସାରିଲାଣି। ଏହି ପ୍ରବଳ ଖରାରେ ରାସ୍ତାକଡ଼ରେ ଯାଉଥିବା ତୃଷା◻ ଲୋକଙ୍କ ପାଇଁ ସାମାଜିକ ଯୁବ ସଂଗଠନ ପକ୍ଷରୁ ଜଳଛତ୍ର ଖଣ୍ଡଗିରି ଜୟଦେବ ବାଟିକା ଛକଠାରେ ଉଦ୍‌ଘାଟିତ ହୋଇଯାଇଛି। ସଂଗଠନର ସଭାପତି ଚି◻ରଞ୍ଜନ ଦାସଙ୍କ ପରିଚାଳନାରେ ଥଣ୍ଡା ଜଳ ଓ ଦହି ପାଣି ବ◻ନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଜଳଛତ୍ର ଶିବିରରେ ଶିବ ପ୍ରସାଦ ସେଣ, ରଞ୍ଜନ ପ୍ରଧାନ, ଅମର କୁମାର ନାୟକ, ଶିବରାମ, ପୁରୁଷୋ◻ମ ବାରିକ, ସନ୍ତୋଷ କୁମାର ପାତ୍ର, ଆଶିଷ ପଟ୍ଟନାୟକ, ମୁରଲୀ ଲାଲ, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ରହି ତୃଷା◻ଙ୍କୁ ଜଳ ପ୍ରଦାନ କରୁଛନ୍ତି। ଏହି ଜଳଛତ୍ର ଏକ ମାସ ପର୍ଯ୍ୟନ୍ତ ଚାଲୁ ରହିବ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ପରିବେଶ ପ୍ରଦୂଷଣ ରୋକିବା ପାଇଁ ମିଳିତ ସହଯୋଗ ଆବଶ୍ୟକ: ବାଚସ୍ପତି

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ପରିବେଶ ପ୍ରଦୂଷଣ ପ୍ରତିଷେଧ ଓ ନିୟନ୍ତ୍ରଣ ସଂପର୍କିତ ଅନୁଧାନ ପାଇଁ ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଗୃହ କମିଟି ବୈଠକ ବିଧାନସଭାର ୫୪ ନଂ ପ୍ରକୋଷ୍ଠରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ଡଃ. ପାତ୍ର କମିଟିର ଭବିଷ୍ୟତ ଯୋଜନା ଓ କାର୍ଯ୍ୟପନ୍ଥା ସଂପର୍କରେ ଆଲୋକପାତ କରିବା ସହିତ ପରିବେଶ ପ୍ରଦୂଷଣ ରୋକିବା ପାଇଁ ମିଳିତ ସହଯୋଗ ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି । କମିଟିର ସଦସ୍ୟମାନେ ପରିବେଶ ପ୍ରଦୂଷଣ ପ୍ରତିଷେଧ ଓ ନିୟନ୍ତ୍ରଣ, ବର୍ଜ୍ୟବସ୍ତୁ ପରିଚାଳନା, ଶିଳ୍ପସଂସ୍ଥା ଦ୍ୱାରା ବିଭିନ୍ନ ଜଳାଶୟକୁ ଛଡ଼ାଯାଉଥିବା ପ୍ରଦୂଷିତ ଜଳ, ବିଭିନ୍ନ ସହରାଂଚଳ ଓ ଗ୍ରାମାଂଚଳ ବିଶୁଦ୍ଧିକରଣ ଉପରେ ଆଲୋଚନା କରିଥିଲେ । ଚଳିତବର୍ଷ ନୂତନ ସବ୍ କମିଟି ଗଠନ କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବାଚସ୍ପତି ଡଃ ପାତ୍ରଙ୍କୁ ଅନୁରୋଧ କରିଥିଲେ। କମିଟିମାନେ କୌଣସି ଜିଲ୍ଲାକୁ ଗସ୍ତ କରିବା ପୂର୍ବରୁ ସ୍ଥାନୀୟ ବିଧାୟକମାନଙ୍କୁ ଅବଗତ କରିବା ପରମ୍ପରାକୁ ଅବ୍ୟାହତ ରଖିବାକୁ ବାଚସ୍ପତି ଡଃ ପାତ୍ର ପରାମର୍ଶ ଦେଇଛନ୍ତି । ନୂତନ ସବ୍ କମିଟି ଗଠନ ହେଲା ପରେ ସଦସ୍ୟମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ପରିବେଶ ପ୍ରଦୂଷଣ ସମ୍ପର୍କିତ ରିପୋର୍ଟ ମୁଖ୍ୟ କମିଟିକୁ ବିଚାର ନିମନ୍ତେ ପ୍ରଦାନ କରିବେ ବୋଲି ବାଚସ୍ପତି ଡଃ ପାତ୍ର ପ୍ରକାଶ କରିଛନ୍ତି । ପରିବେଶ ପ୍ରଦୂଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ ପରିବେଶ ପ୍ରଦୂଷଣକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ପରିବେଶ ପ୍ରଦୂଷଣ ଉପରେ ରୋକ ଲଗାଯାଇପାରିବ ବୋଲି ବରିଷ୍ଠ ବିଧାୟକ ଅମର ଶତପଥି ପ୍ରକାଶ କରିଛନ୍ତି । ଜିଲ୍ଲା ଅନୁଯାୟୀ କମିଟି ଗଠନ କରାଗଲେ ଭଲ ହୁଅନ୍ତା ବୋଲି ଉପବାଚସ୍ପତି ରଜନୀକାନ୍ତ ସିଂହ ପ୍ରକାଶ କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ବରିଷ୍ଠ ବିଧାୟକ ନରସିଂହ ମିଶ୍ର, ବଦ୍ରି ନାରାୟଣ ପାତ୍ର, ପ୍ରଶାନ୍ତ ମୁଦୁଲି, ସୁଶାନ୍ତ ବେହେରା, ପ୍ରଣବ ବଳବନ୍ତରାୟ, ଡଃ ସି.ଏସ୍. ରାଜେନ ଏକ୍କା, ସୁବାସ ଚନ୍ଦ୍ର ବେହେରା, ଶ୍ରୀମତୀ ମିନାକ୍ଷୀ ମହନ୍ତ, ପ୍ରକାଶ ସୋରେନ୍, ସରୋଜ କୁମାର ମେହେର, ଦାଶରଥି ଗମାଙ୍ଗୋ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ମୋନା ଶର୍ମା , ବିଧାନସଭା ସଚିବ ଦାଶରଥି ଶତପଥି, ନିର୍ଦ୍ଦେଶକ ପରିବେଶ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ ନନ୍ଦ, ରାଜ୍ୟ ପ୍ରଦ୍ୟୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଯନ୍ତ୍ରୀ(ପରିବେଶ) ସିତିକାନ୍ତ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଏମ୍ସ ଭୁବନେଶ୍ୱରରେ ବିଶ୍ୱ ହାତଧୁଆ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଏମ୍ସ ଭୁବନେଶ୍ୱରରେ ଗୁରୁବାରେ ଦିନ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି । ଡାକ୍ତରଖାନା ସଂକ୍ରମଣ ନିୟନ୍ତ୍ରଣ କମିଟି ଏବଂ ଏମ୍ସ ଭୁବନେଶ୍ୱର ଗୁଣାତ୍ମକ ପରିଷଦର ସଦସ୍ୟଙ୍କ ସହ ମେଡିକାଲ୍ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ନର୍ସିଂ ଅଫିସର, ବରିଷ୍ଠ ଅଧିକାରୀ, ସ୍ୱଚ୍ଛତା କର୍ମଚାରୀ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ। ସଂକ୍ରମଣ ନିରାକରଣ ଏବଂ ନିୟନ୍ତ୍ରଣରେ ହାତଧୁଆର ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତପ୍ରକାଶ ପାଇଥିଲା । ବିଶେଷକରି କୋଭିଡ ମହାମାରୀ ଆମମାନଙ୍କୁ ହାତଧୁଆର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଛି ।

ଏମ୍ସ ଭୁବନେଶ୍ୱର ସଂକ୍ରମଣ ନିୟନ୍ତ୍ରଣ ଅଧିକାରୀ ଡ. ବିଜିୟିନି ବେହେରା ଏହି ସମାବେଶକୁ ସମ୍ବୋଧିତ କରିଥିଲେ । ହାତଧୁଆ ସମ୍ପର୍କରେ ଅଧିକ ଜାଗରୁକତା ଆଣିବା ଏବଂ ସଚେତନତା ସୃଷ୍ଟି ନିମନ୍ତେ କାର୍ଯ୍ୟକ୍ରମ ଅବସରରେ ଏକ ସେଲଫି ପଏଂଟର ବ୍ୟବସ୍ଥା ହୋଇଥିଲା । ଯାହାକି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେହିପରି ଏକ ଦସ୍ତଖତ ଅଭିଯାନ ବୋର୍ଡ ମାଧ୍ୟମରେ ସମସ୍ତେ ସ୍ୱଚ୍ଛତା ଏବଂ ହାତଧୁଆକୁ ନେଇ ମତ ରଖିଥିଲେ । ସଂକ୍ରମଣ ନିୟନ୍ତ୍ରଣ ନର୍ସିଂ ଦଳ ଏବଂ ସହକାରୀ ନର୍ସିଂ ଅଧିକାରୀ ମାନେ ହାତ ଧୋଇବା ପଦକ୍ଷେପର ବାର୍ତ୍ତା ସହିତ ଏକ ସଚେତନତାଧର୍ମୀ ନୃତ୍ୟ ପରିବେଷଣ କରିଥିଲେ । ଏହା ପରେ ୱାର୍ଡ, ଆଇସିୟୁ ଏବଂ ହସ୍ପିଟାଲର ଅନ୍ୟାନ୍ୟ ସ୍ଥାନରେ ସଂକ୍ରମଣ ନିୟନ୍ତ୍ରଣ ନର୍ସିଂ ଅଧିକାରୀଙ୍କ ଦ୍ୱାରା ହ୍ୟାଣ୍ଡ ହାଇଜିନ୍ ବ୍ୟାଜ୍ ବଣ୍ଟନ ଏବଂ ସଚେତନତା ବାର୍ତ୍ତା ପ୍ରଦାନ ଅଭିଯାନ ହାତକୁ ନିଆଯାଇଥିଲା ।

## ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଗିରଫ ପ୍ରତିବାଦରେ ଆସନ୍ତା କାଲି ରାଜ୍ୟର ସବୁ ଏସ୍‌ପି ଅଫିସ୍ ଘେରିବ ବିଜେପି

ଭୁବନେଶ୍ୱର, (ପି.ଏନ): ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ଗିରଫ ପ୍ରତିବାଦ ଏବଂ ତିଲେଇବଣି ବିଧାୟକଙ୍କୁ ଗିରଫ ଦାବିରେ ଆସନ୍ତାକାଲି ବିଜେପି ପକ୍ଷରୁ ରାଜ୍ୟର ସବୁ ଏସପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ । ଏହାସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ମଧ୍ୟ ପ୍ରଦାନ କରାଯିବ ବୋଲି ରାଜ୍ୟ ବିଜେପି ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି ।ସେ କହିଛନ୍ତି ଶାସକ ବିଜେଡି ଯେଉଁ ଭଳି ଭାବେ ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ଅଗଣତାନ୍ତ୍ରୀକ ଉପାୟରେ ଗିରଫ କଲେ, ତାହା ଅତ୍ୟନ୍ତ ଅଶୋଭନୀୟ ଆଚରଣ । ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ଏତଲା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ତିଲେଇବଣି ବିଡିଓଙ୍କ କାଉଂଟର ଏଫଆଇଆର ଓ ତଦନ୍ତ ଆଧାରରେ ତରବରିଆ ଏବଂ ଏକପାଖିଆ ଆକ୍ରୋଶମୁଳକ ଭାବେ ବିଧାୟକଙ୍କୁ ଗିରଫ ଘଟଣା ଶାସକ ବିଜେଡିର ବିରାଟ ଷଡଯନ୍ତ୍ର ।

# ମଇ ମାସ ସୁଦ୍ଧା ସଂପୂର୍ଣ୍ଣ ହେବ ଆଠଗଡ଼ ବସଷ୍ଟାଣ୍ଡ ନିର୍ମାଣ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ଆଠଗଡ଼ ବସଷ୍ଟାଣ୍ଡର ସମସ୍ତ ନିର୍ମାଣ କାର୍ଯ୍ୟ ମଇ ମାସ ଶେଷସୁଦ୍ଧା ସଂପୂର୍ଣ୍ଣ ହେବ। ଗୁରୁବାର ଲୋକସେବା ଭବନଠାରେ ଯୋଜନା ଓ ସଂଯୋଜନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇ ଏହି ନିଷ୍ପତି ଗ୍ରହଣ କରାଯାଇଛି । ବୈଠକରେ ଆଠଗଡ଼ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଶେଷକରି ଏହାକୁ ଯଥାଶୀଘ୍ର ଯାତ୍ରୀମାନଙ୍କ ନିମନ୍ତେ ଲୋକାର୍ପିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଆଠଗଡ଼ ବସଷ୍ଟାଣ୍ଡର ମୂଳ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବସଷ୍ଟାଣ୍ଡର ପାଚେରୀ, ଗେଟ୍, ସଂଯୋଗକାରୀ ରାସ୍ତା କାର୍ଯ୍ୟ ନିର୍ମାଣଧୀନ ରହିଛି। ବସଷ୍ଟାଣ୍ଡ କାର୍ଯ୍ୟାଳୟର ଆସବାବପତ୍ର, ଯାତ୍ରୀମାନଙ୍କ ବସିବା ସୁବିଧା, ଫ୍ୟାନ ଓ ଆନୁଷଙ୍ଗିକ ସୁବିଧାର ନିର୍ମାଣ କାର୍ଯ୍ୟ ମଇ ମାସ ସୁଦ୍ଧା ଶେଷ କରିବା ପାଇଁ ବୈଠକରେ ପରିବହନ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୪ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ବସଷ୍ଟାଣ୍ଡ ନିମନ୍ତେ ବକେୟା ଥିବା ସମସ୍ତ ଅର୍ଥ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ସପ୍ତାହକ ମଧ୍ୟରେ ପ୍ରଦାନ କରାଯିବ। ଏଥିସହିତ ବସଷ୍ଟାଣ୍ଡରେ ଅଗ୍ନିନିର୍ବାପକ ବ୍ୟବସ୍ଥା, ଆସବାବପତ୍ର, ସିସିଟିଭି ଏବଂ ଜେନେରେଟର ବ୍ୟବସ୍ଥା ପାଇଁ ଅତିରିକ୍ତ ଅର୍ଥ ଆବଂଟନ ନିମନ୍ତେ ରାସ୍ତା ଓ ଗୃହ ବିଭାଗର ଚାରବାଟିଆ ସର୍କଲର ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ସଂଶୋଧିତ ବ୍ୟୟ ଅଟକଳ ସପ୍ତାହକ ମଧ୍ୟରେ ବିଭାଗକୁ ପ୍ରଦାନ କରାଯିବ। ବୈଠକର ସୂଚନା ଅନୁଯାୟୀ ନବନିର୍ମିତ ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣ, ଜଗୁଆଳି ବ୍ୟବସ୍ଥା ଏବଂ ଯାତ୍ରୀମାନଙ୍କ ନିମନ୍ତେ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପ୍ରଦାନ ନିମନ୍ତେ ଓଡ଼ିଶା ରାଜ୍ୟ ପରିବହନ ନିଗମ ଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ।

ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ରାଜ୍ୟ ପରିବହନ ନିଗମର ଜେନେରାଲ ମ୍ୟାନେଜର, ଆଡ୍‌ମିନିଷ୍ଟ୍ରେସନ ବ୍ରଜଗୋପାଳ ଆଚାର୍ଯ୍ୟ, ଚାରବାଟିଆ ରାସ୍ତା ଓ ଗୃହ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ଆଠଗଡ଼ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


# ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଉ 'ବିଶ୍ୱ ଓଡ଼ିଶା' : ବାଚସ୍ପତି

ଭୁବନେଶ୍ୱର, (ପିଏନ): ଓଡ଼ିଶା ବିଧାନସଭା ପରିସରରେ ଅନୁଷ୍ଠିତ 'ବିଶ୍ୱ ଓଡ଼ିଶା' ରାଜ୍ୟ କାର୍ଯ୍ୟକାରିଣୀ ପରିଷଦର ଏକ ବିଶେଷ ବୈଠକରେ ବିଶ୍ୱ ଓଡ଼ିଶା ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଉ ବୋଲି ମତବ୍ୟକ୍ତ କରିଛନ୍ତି 'ବିଶ୍ୱ ଓଡ଼ିଶା'ର ସଭାପତି ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର।

'ବିଶ୍ୱ ଓଡ଼ିଶା' ସମଧର୍ମୀ ଅନେକ ଅନୁଷ୍ଠାନ ଓଡ଼ିଆ ସମ୍ମାନ, ସ୍ୱାଭିମାନ, ଆବେଗ ନେଇ ରାଜ୍ୟ ତଥା ରାଜ୍ୟ ବାହାରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ କାର୍ଯ୍ୟ କରୁଥିଲେ ସୁଦ୍ଧା 'ବିଶ୍ୱ ଓଡ଼ିଶା' ସମସ୍ତଙ୍କ ଠାରୁ ଭିନ୍ନ ହେଉ ଏବଂ ସାମାଜିକ ବିକାଶ ପ୍ରତି ଗୁରୁତ୍ୱ ଦେଇ ଓଡ଼ିଶାର ସାମଗ୍ରିକ ବିକାଶର ଏକ କାର୍ଯ୍ୟବାହୀ ହେଉ ବୋଲି ଡ. ପାତ୍ର ତାଙ୍କର ସଭାପତିତ୍ୱ ପରାମର୍ଶ ଦେଇଥିଲେ।

'ବିଶ୍ୱ ଓଡ଼ିଶା' ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ବିଶ୍ୱବ୍ୟାପୀ ଓଡ଼ିଆ ଜାତୀୟତା ଜାଗରଣ ବାର୍ତ୍ତା ବହନ କରି ଏକ ଅଭିଯାନ ଆରମ୍ଭ କରିଛି ସେଥିପ୍ରତି ପ୍ରଶଂସା କରି ବିଶ୍ୱବ୍ୟାପୀ ବିସ୍ତାରିତ ହୋଇ ରହିଥିବା ଓଡ଼ିଆ ଭାଇଭଉଣୀଙ୍କୁ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ବିଶେଷତଃ ଦିଲ୍ଲୀ, ବାଙ୍ଗାଲୋର, ଚେନ୍ନାଇ, ମୁମ୍ବାଇ, ସୁରତ, କଲିକତା ଆଦି ମହାନଗର ମାନଙ୍କରେ ଗଢି ଉଠିଥିବା



ଓଡ଼ିଆ ଅନୁଷ୍ଠାନମାନଙ୍କୁ ପ୍ରଶଂସା କରି ସେମାନଙ୍କ ସହିତ ସମନ୍ୱୟ ରକ୍ଷା କରି 'ବିଶ୍ୱ ଓଡ଼ିଶା' କାର୍ଯ୍ୟ କରିବ ବୋଲି କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦେଶରେ ଆମେରିକା, କାନାଡ଼ା, ଲଣ୍ଡନ, ବାହାରିନ୍, ମିଆଁମାର, ସାଉଦିଆରବ ଆଦି ଦେଶମାନଙ୍କରେ କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ନିଜ ନିଜ ସ୍ତରରେ ଓଡ଼ିଶା ପାଇଁ ଚିନ୍ତା କରୁଛନ୍ତି । ସେମାନଙ୍କୁ ଓଡ଼ିଶାର ସାମଗ୍ରିକ ବିକାଶ, ବିଶେଷତଃ କୃଷି, କୁଟୀର ଶିଳ୍ପ, ଗ୍ରାମୀଣ ପର୍ଯ୍ୟଟନ ଆଦିରେ ସଂଯୋଗ କରିବା ପାଇଁ 'ବିଶ୍ୱ ଓଡ଼ିଶା' କାର୍ଯ୍ୟ କରିବ ବୋଲି ଡ. ପାତ୍ର ମତାମତ ଦେଇଥିଲେ। ବିଶ୍ୱ ଓଡ଼ିଶାର ଏକ ଆନ୍ତର୍ଜାତିକ ଅଧିବେଶନ ଭୁବନେଶ୍ୱରଠାରେ ଆସନ୍ତା ମାର୍ଚ୍ଚ ମାସରେ ବିଭିନ୍ନ ଦେଶ ଓ ରାଜ୍ୟର ପ୍ରତିନିଧିମାନଙ୍କୁ ନେଇ ହେବା ପାଇଁ ନିଷ୍ପତ୍ତି ନିଆଯିବା ସହିତ ପ୍ରବାସୀ ସ୍ଥାନାନ୍ତରିତ ଶ୍ରମିକ ତଥା କର୍ମଜୀବୀ ମାନଙ୍କର ଅନ୍‌ଲାଇନ୍ ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ଆବାହକ ଭାବରେ ଖ୍ୟାତିସମ୍ପନ୍ନ ସାମ୍ବାଦିକ କିଶୋର ଦ୍ୱିବେଦୀ, ବାହାରିନ ଓଡ଼ିଆ ସମାଜ ପ୍ରତିଷ୍ଠାତା ସଭାପତି ଡ. ଅରୁଣ ପ୍ରହରାଜ, କାଡ଼ାନାରେ ଅବସ୍ଥାପିତ ପ୍ରଫେସର ଡ. ତନ୍ମୟ ପଣ୍ଡା ପ୍ରମୁଖଙ୍କୁ ଗ୍ରହଣ କରାଗଲା। ଏଥିସହିତ ବିଭିନ୍ନ ରାଜ୍ୟରେ ତଥା ଦେଶରେ ଏହାର ଶାଖା ଗଠନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ବିଶ୍ୱ ଓଡ଼ିଶାର ମୁଖ୍ୟ ସଂଯୋଜକ ଆଡ଼ଭୋକେଟ ମନୋରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି କବି ବାହାଦୂର ପାଟସାହାଣୀ, ସାଧାରଣ ସମ୍ପାଦକ ମନୋଜ ମନ୍ମୟ, ସଂଯୋଜକ ସରୋଜ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର, (ପି.ଏନ); କୃଷି ଓ କୃଷକ ସଶକ୍ତିକରଣ ବିଭାଗର 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ସଫଳ ରୂପାୟନ ପାଇଁ ଆଜି ଏକ ରାଜ୍ୟସ୍ତରୀୟ କର୍ମଶାଳା ସ୍ଥାନୀୟ ଶିରିପୁରସ୍ଥିତ ଇମେଜ ସମ୍ମିଳନୀ କକ୍ଷରେ ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିଃ (ଆପିକଲ) ତରଫରୁ ଆୟୋଜିତ ହୋଇଯାଇଛି। ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା ଏହାର ଉଦଘାଟନ କରିଥିବା ବେଳେ ଆପିକଲର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଭାତ କୁମାର ରାଉଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସହ ସଂଶ୍ଲିଷ୍ଟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ପ୍ରାଣୀଚିକିତ୍ସା ଓ ପ୍ରାଣୀପାଳନ ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଆଦି ନିର୍ଦ୍ଦେଶକମାନେ କର୍ମଶାଳା ସମ୍ବନ୍ଧରେ ନିଜ ନିଜର ଉଦ୍‌ବୋଧନୀ ଭାଷଣ ପ୍ରଦାନ କରିଥିଲେ । କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ କୃଷି ଉଦ୍ୟୋଗ ଯୋଜନାର ପ୍ରତିକାତ୍ମକ ଲୋଗା ଓ ସାମାଜିକ ଗଣମାଧ୍ୟମରେ ପ୍ରସାରଣଯୋଗ୍ୟ ଭିଡ଼ିଓ ଉନ୍ମୋଚନ କରିଥିଲେ ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक






## ଡଙ୍କାରୀ ପାହାଡରେ ତହସିଲ ପ୍ରଶାସନ ପକ୍ଷରୁ ମିଳିତ ତଦନ୍ତ



ଧର୍ମଶାଳା, (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ବହୁ ଚର୍ଚ୍ଚିତ ଡଙ୍କାରୀ ପାହାଡରେ ଆଜି ତହସିଲ ପ୍ରଶାସନ ପକ୍ଷରୁ ମିଳିତ ଚଢାଉ କରାଯାଇ ମାପଚୁପ କରାଯାଇଛି । ବିଭିନ୍ନ ଖଦାନରୁ ଲିଜଧାରୀମାନେ ଅଧିକ ପରିମାଣର କଳାପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରୁଛନ୍ତି । ଲିଜଧାରୀମାନେ ମାଲାମାଲ ହେଉଥିବା ବେଳେ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି । ଏହି ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ଟାକ୍ସଫୋର୍ସ ବିଭିନ୍ନ ସମୟରେ ଚଢାଉ କରି ମାପଚୁପ କରିଥାନ୍ତି । ଏହି କ୍ରମରେ ଆଜି ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି, ଭୂତତ୍ୱବିତ ସନ୍ତୋଷୀପ୍ରଭା ସେଠୀ, ପରିବେଷ ଯନ୍ତ୍ରୀ ଦିବ୍ୟଲୋଚନ ମହାପାତ୍ର ସ୍ଥାନୀୟ ଆରଆଇ ମାନସ ବେଜ, ଜଗବନ୍ଧୁ ଜେନା ପ୍ରମୁଖ ଏହି ଟାକ୍ସଫୋର୍ସରେ ସାମିଲ ହୋଇଥିଲେ । ଡଙ୍କାରୀ ପାହାଡରେ ଲିଜ ଦିଆଯାଇଥିବା ଖାଦାନ ଗୁଡିକୁ ମାପଚୁପ କରିବା ସହିତ ଡ୍ରୋନ କ୍ୟାମେରା ଦ୍ୱାରା ଫଟୋ ଉତୋଳନ କରିଥିଲେ । ତେବେ ରାଜସ୍ୱ ବିଭାଗର ଏହା ଏକ ନିୟମିତ ପ୍ରକ୍ରିୟା ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶ ଥାଉକି ୫ଶହ ଏକର ପରିମିତ ଡଙ୍କାରୀ ପାହାଡରେ ୯ ଗୋଟି ଖାଦାନ ରହିଥିବା ବେଳେ ମାତ୍ର ୨ ଗୋଟି ଖାଦାନକୁ ଲିଜ ପ୍ରଦାନ କରାଯାଇଛି । ହେଲେ ଲିଜ ଦିଆଯାଇ ନଥିବା ଅବଶିଷ୍ଟ ସଇରାତ ଗୁଡିକରୁ ପଥର ମାଫିଆମାନେ ବେଆଇନ ଭାବେ ପଥର ଉତୋଳନ କରିଚାଲିଛନ୍ତି । ହେଲେ ପ୍ରଶାସନ ପକ୍ଷରୁ ଲିଜ ଦିଆଯାଇଥିବା ୨ ଗୋଟି ସଇରାତକୁ ମାପଚୁପ କରି ଫଟୋ ଉଠାଇ ଆଣିଥିବା ବେଳେ ଅନ୍ୟ ସଇରାତ ଗୁଡିକୁ ମାପଚୁପ ନକରି ଛାଡି ଦିଆଯାଉଛି । ଫଳରେ ମାଫିଆମାନଙ୍କ ପାଇଁ ଏହା ପୁଷମାସ ସଦୃଶ ହୋଇଛି । ଏଠାରେ ଲିଜ ଦିଆଯାଇ ନଥିବା ସଇରାତ ଗୁଡିକୁ ମାପଚୁପ କରି ଲିଜ ପ୍ରଦାନ କରିବାକୁ ଦାବି ହୋଇଛି । ନଚେତ ମାଫିଆମାନେ ଲାଭବାନ ହୋଇ ଚାଲିଥିବା ବେଳେ ସରକାର ରାଜସ୍ୱ ହରାଉଥିବେ ।

## ରାହାଡପୁର ପାହାଡରୁ ଟ୍ରାକ୍ଟର ସହ ୩ଟି କଂପ୍ରେସର ଜବତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ରହାଡପୁର କଳାପଥର ଖାଦାନରେ ବେଆଇନ ଭାବେ ଚାଲିଥିବା ୩ ଟି କମ୍ପ୍ରେପ୍ରେସର ମେସିନକୁ ତହସିଲ ପକ୍ଷରୁ ଜବତ କରାଯାଇଛି । ଆଜି ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ଟାକ୍ସଫୋର୍ସ ଟିମ ଧର୍ମଶାଳା ତହସିଲଦାରଙ୍କ ନେତୃତ୍ୱରେ ଡଙ୍କାରୀ ପାହାଡରେ ମାପଚୁପ କରିବାକୁ ଯାଇଥିଲେ । ମାପଚୁପ ଶେଷ କରି ଫେରୁଥିବା ବେଳେ ରାହାଡପୁର ପାହାଡରେ ବେଆଇନ ଭାବେ ଖନନ କରୁଥିବା ୩ ଗୋଟି କମ୍ପ୍ରେସରକୁ ଟ୍ରାକ୍ଟର ସହିତ ଜବତ କରିଥିଲେ । ଜବତ କମ୍ପ୍ରେସର ଗୁଡିକୁ ଚଢେଇଧରା ପୋଲିସ ଚେକପୋଷ୍ଟରେ ରଖାଯାଇଛି । ଜବତ କମ୍ପ୍ରେସର ଗୁଡିକରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ସ୍ୱାଗତ ଦାସ ସୂଚନା ଦେଇଛନ୍ତି । ଦୈନଦିନ ରାହାଡପୁର ପାହାଡରେ ଏଭଳି ବେଆଇନ ଖନନ ହେଉଥିବା ନେଇ ସ୍ଥାନୀୟ ଲୋକେ ତହସିଲ ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ ତହସିଲଦାର କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ସେହିପରି ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବରଡାରୁ ବିଛାଖଣ୍ଡି ପାହାଡ ପର୍ଯ୍ୟନ୍ତ ସବୁଠି ବେଆଇନ ଖନନ କରାଯାଉଛି । ହେଲେ ଧର୍ମଶାଳା ତହସିଲଦାର ଏଥିପ୍ରତି ଦୃଷ୍ଟି ନଦେଇ ମାଫିଆମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ କାର୍ଯ୍ୟାଳୟ ଏସିରୁମରେ ବସିରହୁଥିବା ଅଭିଯୋଗ ହେଉଛି । ଏଠି ଘରଡିଙ୍କି କୁମ୍ଭିର ସାଜିଥିବାରୁ ଦିନଦ୍ୱିପହରରେ ଲଘୁଖଣିଜ ସମ୍ପଦ ଲୁଟ ହେଉଛି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ଭୁବନେଶ୍ୱରର ୫୧ତମ ଅର୍ଦ୍ଧବାର୍ଷିକ ବୈଠକ




ଭୁବନେଶ୍ୱର,(ପି.ଏନ): ୨୦୨୨ ଦିନଶ୍ରୀ ଅଭୟ କିଶୋର ପାଣ୍ଡେ, ପ୍ରଭାରୀଅଧ୍ୟକ୍ଷ, ନରାକାସ (ବ୍ୟାଙ୍କ) ଏବଂ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱର ଙ୍କ ଅଧ୍ୟକ୍ଷତା, ଭାରତ ସରକାର, ଗୃହ ମନ୍ତ୍ରାଳୟ, ରାଜଭାଷା ବିଭାଗ ର ପ୍ରତିନିଧି ଶ୍ରୀ ନିର୍ମଲ କୁମାର ଦୁବେ, ସହାୟକ ନିଦେଶକ(କାର୍ଯ୍ୟାନ୍ୱୟନ) ଙ୍କ ଉପସ୍ଥିତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ), ଭୁବନେଶ୍ୱରର ୫୧ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକ ରେ ଶ୍ରୀ କେଶବ କୋରକୋରା, ପ୍ରଭାରୀ କ୍ଷେତ୍ରୀୟ ନିଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଶ୍ରୀ ସୁଶାନ୍ତ ମିଶ୍ରା, ମହାପ୍ରବନ୍ଧକ, ନାବାର୍ଡ, ଶ୍ରୀ ରମାକାନ୍ତ ପ୍ରଧାନ,ମହାପ୍ରବନ୍ଧକ, ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ,ଶ୍ରୀ ଅନୁପ କୁମାର ସିହ୍ନା,ଉପାଧ୍ୟକ୍ଷ ଏବଂ ମଣ୍ଡଳ ବିକାଶ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ତଥା ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀ ମାନଙ୍କର ର ଉପ ମହାପ୍ରବନ୍ଧକ,ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।ଶ୍ରୀ ଅନୁପ କୁମାର ସିହ୍ନା ସମସ୍ତ ସଦସ୍ୟଙ୍କୁ ଶୁଭକାମନା ଜଣାଇ କହିଲେ ଯେ ସମସ୍ତ ସଦସ୍ୟ ମାନଙ୍କର ସକ୍ରିୟ ସହଯୋଗ ଏବଂ ସହଭାଗିତା ଫଳସ୍ୱରୂପ 'ଗ' କ୍ଷେତ୍ର ରେ ସ୍ଥିତ ୨୦୦ରୁ ଅଧିକ ନାରାକାସ ମାନଙ୍କ ମଧ୍ୟରେ ଆମେ ଲଗାତର ତିନି ଥର ରାଷ୍ଟ୍ରୀୟ ପୁରସ୍କାର ପାଇଛୁ । ଭବିଷ୍ୟତରେ ମଧ୍ୟ ଆମ ସମସ୍ତଙ୍କୁ ଏପରି ମିଳିମିଶି ହିନ୍ଦୀ ରେ କାମ କରିବା ଉଚିତ । ରାଜଭାଷା କାର୍ଯ୍ୟାନ୍ୱୟନରେ ସର୍ବଶ୍ରେଷ୍ଠ ନିଷ୍ପାଦନ ପାଇଁ ଏକଲ କାର୍ଯ୍ୟାଳୟ ବର୍ଗରେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ପ୍ରଥମ, ନାବାର୍ଡ କୁ ଦ୍ୱିତୀୟ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ, ପ୍ରଶାସନିକ କାର୍ଯ୍ୟାଳୟ, ଅଞ୍ଚଳ-୨ କୁ ତୃତୀୟ ପୁରସ୍କାର ପ୍ରଦାନ କରାଗଲା । ମଣ୍ଡଳ କାର୍ଯ୍ୟାଳୟ ବର୍ଗରେ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ କୁ ପ୍ରଥମ, ବ୍ୟାଙ୍କ ଅଫ ଇଣ୍ଡିଆ ତଥା ୟୁକୋ ବ୍ୟାଙ୍କ କୁ ଦ୍ୱିତୀୟ, କାନାରା ବ୍ୟାଙ୍କ ତଥା ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ କୁ ତୃତୀୟ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ପଞ୍ଜାବ ନେଶନାଲ ବ୍ୟାଙ୍କ ତଥା ବ୍ୟାଙ୍କ ଅଫ ବରୋଦା କୁପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରାଗଲା । ଏହି ଅବସରରେ ବାର୍ଷିକ ପତ୍ରିକା 'ମହାନଦୀ' ଅଙ୍କ ୨୦୨୨ ର ଲୋକର୍ପଣ କରାଗଲା ଏବଂ ବିଭିନ୍ନ ବ୍ୟାଙ୍କ ଦ୍ୱାରା ଆୟୋଜିତ ପ୍ରତିଯୋଗିତାର ବିଜୟୀ ପ୍ରତିଭାଗୀଙ୍କୁ ପୁରସ୍କୃତ ମଧ୍ୟ କରାଗଲା । ରିପୋର୍ଟ ମାନଙ୍କର ସମୀକ୍ଷା କରିବା ସମୟରେ ଶ୍ରୀ ନିର୍ମଲ କୁମାର ଦୁବେ ସଠିକ ରିପୋର୍ଟିଂ ପ୍ରକ୍ରିୟା ବିଷୟରେ ସମସ୍ତ ସଦସ୍ୟଙ୍କ ମାର୍ଗ ଦର୍ଶନ କଲେ ଏବଂ କାର୍ଯ୍ୟାଳୟ ପ୍ରମୁଖ ମାନଙ୍କୁ ଅନୁରୋଧ କଲେ ଯେ ରିପୋର୍ଟ ରେ ଦିଆଯାଇଥିବା ତଥ୍ୟର ଯାଞ୍ଚ କରିବ ପରେ ଦସ୍ତଖତ କରନ୍ତୁ । ସେ ନରାକାସ (ବ୍ୟାଙ୍କ), ଭୁବନେଶ୍ୱର ର ସକ୍ରିୟତା ର ପ୍ରଶଂସା ମଧ୍ୟ କଲେ । ନିଜ ଅଧ୍ୟକ୍ଷୀୟ ସମ୍ବୋଧନରେ ଶ୍ରୀ ଅଭୟ କିଶୋର ପାଣ୍ଡେ କହିଲେ ଯେ କ୍ଷେତ୍ରୀୟ ଭାଷା ଏବଂ ରାଜଭାଷା ହିନ୍ଦୀ ର ପ୍ରଚାର, ପ୍ରସାର ମାଧ୍ୟମରେ ହିନ ଆମ୍ଭ ? ସାଧାରଣ ଜନତାଙ୍କ ପାଖରେ ପହଞ୍ଚି ପାରିବୁ । ବର୍ତ୍ତମାନ ସମୟରେ ଆମର ଦାୟିତ୍ୱ ହେଉଛି ଗ୍ରାହକ ମାନଙ୍କୁ ସାଇବର ସୁରକ୍ଷା ବିଷୟରେ ସଜାଗ କରିବା ଏବଂ ଆମେ ଏହା ଓଡିଆ ତଥା ହିନ୍ଦୀ ଭାଷା ମାଧ୍ୟମରେ ହିଁ କରି ପାରିବୁ । ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରଭରୀ କ୍ଷେତ୍ରୀୟ ନିଦେଶକ ଶ୍ରୀ କୋରକୋରା କହିଲେ ଯେ ହିନ୍ଦୀ ରେ କାମ କରିବା ଆମ ସମସ୍ତଙ୍କର ଦାୟିତ୍ୱ ଅଟେ । ସାଇବର ଠକାମିରୁ ବ୍ୟାଙ୍କ ଏବଂ ଗ୍ରାହକ ଙ୍କୁ ରକ୍ଷା କରିବା ପାଇଁ ସମସ୍ତ ବ୍ୟାଙ୍କ ମିଳିମିଶି କାର୍ଯ୍ୟ କରିବା ଉଚିତ । ଶ୍ରୀ ଆଲୋକ କୁମାର, ସଦସ୍ୟ ସଚିବ ଏବଂ ସହାୟକ ମହାପ୍ରବନ୍ଧକ (ରାଜଭାଷା) କାର୍ଯ୍ୟକ୍ରମର ସଂଚାଳନ କଲେ ଶ୍ରୀ ଧନଞ୍ଜୟ କୁମାର, ସହାୟକ ମହାପ୍ରବନ୍ଧକ (ରାଜଭଷା), ଭାରତୀୟ ରିଜର୍ଭ ବ୍ୟାଙ୍କ ଙ୍କ ଦ୍ୱାରା ଧନ୍ୟବାଦ ଜ୍ଞାପନ ପରେ ବୈଠକ ସମାପ୍ତ ହେଲା ।

## ବିଶ୍ୱ ମେଲେରିଆ ସଚେତନତା କାର୍ଯ୍ୟକ୍ରମରେ ଅନ୍ୟମତିତା

ବାଲେଶ୍ୱର,(ପି.ଏନ): ରାଜ୍ୟ ସରକାର ବିଭିନ୍ନ ଦୂରା ରୋଗର ନିରାକରଣ ନିମନ୍ତେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ବାଲେଶ୍ୱରରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏ ପ୍ରକାରର କାର୍ଯ୍ୟକ୍ରମ କୁ ହାତକୁ ନ ନେଇ ସହଦେବ ଖୁଣ୍ଟା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରି ହୋଡିଂ ବାବଦରେ ୫ ହଜାର ଟଙ୍କା ଓ ହାତଗଣତି ଲୋକଙ୍କୁ ନେଇ ସଭା ଆୟୋଜନ କରି ଅବଶିଷ୍ଟ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହେଉଛି । ଉଲ୍ଲେଖଯୋଗ୍ୟ ଯେ ଏଠାରେ ଗୋଟିଏ କାର୍ଯ୍ୟକ୍ରମରେ ୨ ଟି ଉପସ୍ଥାନ ବ୍ୟବହାର କରାଯାଉଥିବା ବେଳେ ଏହାକୁ ବିରୋଧ କରି ଉପସ୍ଥିତ ଜୈନିକ ସଦସ୍ୟ ଗୋଟିଏ ଉପସ୍ଥାନ ଛଡ଼ାଇ ନେଇଥିବାର ଦେଖିବାକୁ ମିଳିଥିଲା । ଏ ବାବଦରେ ଗଣମାଧ୍ୟମକୁ କୌଣସି ସୂଚନା ନ ଦିଆଯାଇ ନିର୍ଦ୍ଦିଷ୍ଟ କିଛି ସାମ୍ବାଦିକଙ୍କୁ ମୋବାଇଲ ରେ ମେସେଜ ଦେଇ ଏ ବାବଦରେ ଗଣମାଧ୍ୟମ ପାଇଁ ଉଦ୍ଦିଷ୍ଟ ଅର୍ଥ ବାଟମାରଣା ହୋଇଥିବାର ଅଭିଯୋଗ ହୋଇଛି ।

## ପବ୍ଲିକ ରାଇଟ ଆସୋସିଏସନ୍ ତରଫରୁ ଜଟଣୀ ଷ୍ଟେସନ ନିକଟ କାଳୀ ମନ୍ଦିର ପରସରରେ କାର୍ଯ୍ୟକାରିଣୀ ବୈଠକ ଓ ସର୍ବତ ବଂଟନ



ଜଟଣୀ,(ପି.ଏନ) : ଗତ ରବିବାର ଦିନ ଜଟଣୀ ରେଳ ଷ୍ଟେସନ ନିକଟ କାଳୀ ମନ୍ଦିର ପରିସରରେ ପବ୍ଲିକ୍ ରାଇଟ ଆସୋସିଏସନ୍ ତରଫରୁ ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମକର୍ତାଙ୍କୁ ନେଇ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାନେତ୍ରୀ ଜ୍ୟୋତିର୍ମୟୀ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ସହର ଉପ ସଭାନେତ୍ରୀ ପଙ୍କଜିନୀ ବେହୁରା, ରାଜ୍ୟ ଯୁବ ବିଭାଗର ସମ୍ପାଦକ ସ୍ୱପନ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ବାସୁଦେବ ସେଠୀଙ୍କ ତତ୍ୱାବଧାନରେ ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର ଓ କଟକର ସମସ୍ତ କର୍ମକର୍ତା ଓ ସଦସ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସୋସିଏସନ୍‌ର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଆସୋସିଏସନ୍‌କୁ ତୃଣମୂଳ ସ୍ତରରେ ରାଜ୍ୟର ସମସ୍ତ ଜିଲ୍ଲା ସ୍ତରରୁ ଅରମ୍ଭ କରି ଗ୍ରାମାଂଚଳର ନୀରିହ ଗରିବ, ଅସହାୟ, ଶିଶୁ, ମହିଳାମାନଙ୍କୁ ବିନା ମୂଲ୍ୟରେ ଆଇନ ସହାୟ କରିବା ସହିତ, ମାଗଣାରେ ସ୍ୱାସ୍ଥ୍ୟସେବା, ବୃକ୍ଷରୋପଣ କାର୍ଯ୍ୟ କରିବା ଓ ବିଭିନ୍ନ ପ୍ରକାର ସଚେତନତା ଶିବିର ଅୟୋଜନ କରି ଜନସଚେତନତା ସୃଷ୍ଟି କରିବା । ଏହି ଅବସରରେ ଗ୍ରୀଷ୍ମର ଅସହ୍ୟ ଲହରୀକୁ ଦୃଷ୍ଟିରେ ରଖି ବାଟୋଇମାନଙ୍କ ପାଇଁ ଜଟଣୀ ରେଳ ଷ୍ଟେସନ ନିକଟରେ ଏକ ଦହି ସର୍ବତ ବଂଟନ ବ୍ୟବସ୍ଥା କରାଯାଇଥିଲା । କାଳୀମନ୍ଦିରରେ ଅନୁଷ୍ଠିତ ବୈଠକରେ ବିଶିଷ୍ଟ ସମାଜସେବୀ ସୁଷମା ନନ୍ଦଙ୍କୁ ଆସୋସିଏସନ୍ ତରଫରୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କରିଚାଳନା କରିଥିଲେ ମହିଳା ବିଭାଗ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳୀ ଦାସ, କଳ୍ପନା ବିଶ୍ୱାଳ, ସୁବ୍ରତ ମହାପାତ୍ର, ଦୀନବନ୍ଧୁ ଭୋଇ, କୃଷ୍ଣ ସାହୁ, ସତ୍ୟସ୍ୱରୁପ ମହାପାତ୍ର, ଅଂଶର ଅଲ୍ଲୀ । ଅନ୍ୟମାନଙ୍କ ମଧ୍ୟରେ ମହିଳା କମିଶନ ଅଧ୍ୟକ୍ଷା ସସ୍ମିତା ନନ୍ଦ, ରବି ସ୍ୱାଇଁ, ପବିତ୍ର କୁମାର ମାଥା, ପ୍ରକାଶ ହାତୀ, ମଧୁସୂଦନ ମିଶ୍ର, ସନ୍ତୋଷ ବାରିକ, ବି. ସମନ୍ତରାୟ, ଶୁଭଲକ୍ଷ୍ମୀ ସାମନ୍ତରା, ସମାଜସେବୀ ମିରାରାଣୀ ଦାଶ, ଗୀତାଞ୍ଜଳି ସେଠୀ, ଶ୍ୱେତାଲିନା ପଣ୍ଡା, ପୂର୍ଣ୍ଣିମା ସେଠୀ, ପ୍ରମିଳା ଜାଲ୍ଲି, ରଶ୍ମିତା ରାଉତରାୟ, ସୁବାସିନୀ ପାତ୍ର, ପିୟଙ୍କା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray